ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୫ ଜୁଲାଇ, ୨୦୧୯



ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେନାହିଁ।
- ସେନେକା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ମାତୃବିହାର, ଖଣ୍ଡଗିରି, ସକାଳ ୮ଟା ୩୦ରୁ ରାତି ୯ଟା।
- ଅଖିଳ ଭାରତୀୟ ଟ୍ରେଡ ୟୁନିୟନ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧିତ ପ୍ରଦର୍ଶନୀ ଓ ଆଲୋଚନାଚକ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୪ଟା।
- ମମତା ଅନୁଷ୍ଠାନ ପକ୍ଷରୁ ବକ୍ତୃତା କାର୍ଯ୍ୟକ୍ରମ, ଭାରତୀୟ ବିଦ୍ୟା ଭବନ, ୟୁନିଟ-୩, ଅପରାହ୍ନ ୫ଟା।
- 'ଦୂରଦର୍ଶୀ'ର ଏକାଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୫ଟା ୩୦।
- ଶ୍ରୀ ରଥଯାତ୍ରା କମିଟି ପକ୍ଷରୁ ରଥଯାତ୍ରା ନିଳାଦ୍ରୀବିଜେ, ଜମ୍ବେଶ୍ୱର ପାଟଣା ସାହି, ପୁରୁଣା ଭୁବନେଶ୍ୱର, ସନ୍ଧ୍ୟା ୭ଟା।

**ଜଟଣୀ**

- ଆଇଆଇଟି ଅନୁଷ୍ଠାନର ଗଙ୍ଗା ଓ ବ୍ରହ୍ମପୁତ୍ର ହଲ ଉଦ୍‌ଘାଟନ, ଅରଗୁଳ, ପୂର୍ବାହ୍ନ ୧୦ଟା ୩୦।

# ସରକାରୀ କ୍ୱାର୍ଟର୍ସ କଞ୍ଜରଭେନ୍ସିରେ ବେଆଇନ ନିର୍ମାଣ

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହର ସଫେଇ ଉପରେ ବେଶି ଗୁରୁତ୍ୱ ଦେଉଥିବା ନେଇ ସାମାଜିକ ଗଣମାଧ୍ୟମ 'ଟୁଇଟର'ରେ ଦୈନିକ ଫଟୋ ଛାଡୁଛି। ସରକାରୀ କ୍ୱାର୍ଟର୍ସ ମଝିରେ ଥିବା କଞ୍ଜରଭେନ୍ସିକୁ ସଫା କରାଯାଉଛି ବୋଲି ବିଏମ୍‌ସି ଶନିବାର ଫଟୋ ଛାଡ଼ିଛି। ମାତ୍ର ଏହା କେବଳ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି। କାରଣ ଅଧିକାଂଶ କଞ୍ଜରଭେନ୍ସି ଏବେ ଜମି ମାଫିଆଙ୍କ କବ୍‌ଜାରେ ରହିଛି। ରାତାରାତି ସେଥିରେ ରାଜୀବ ଆବାସ ଯୋଜନା(ଆର୍‌ଏୱାଇ)ରେ ଘର ତିଆରି କରାଯାଇ ଭଡ଼ାରେ ଲଗାଯାଉଛି। ସରକାର ଘର ଯୋଗାଇ ନ ଦେବା ପର୍ଯ୍ୟନ୍ତ ଉଚ୍ଛେଦର ଚିନ୍ତା ନାହିଁ। ତେଣୁ ବେଆଇନ ଭାବେ ନିର୍ମିତ ଘର ବଦଳରେ ଲୋକଙ୍କୁ ଆବାସ ଘର ଯୋଗାଇ ଦିଆଯାଉଛି। ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନିକ ଅଧିକାରୀମାନେ ଗଲାବେଳକୁ ଉକ୍ତ ଘରେ ରହୁଥିବା ଲୋକେ 'ଆରଏୱାଇ'ର କାଗଜପତ୍ର ଦେଖାଇ ସେମାନଙ୍କୁ ବିଦା କରିଦେଉଛନ୍ତି।

ରାଜଧାନୀରେ ଏହି ସମସ୍ୟା ଏବେ ଉତ୍କଟ ହେବାରେ ଲାଗିଛି। ସଚିବାଳୟ ଓ ରାଜଭବନ ଆଖପାଖ ଅଞ୍ଚଳରେ ଅନେକ ସରକାରୀ ଜମି ମାଡ଼ିବସିବା ପରେ ଏବେ ଜବରଦଖଲକାରଙ୍କ ଲୋଭିଲା ଆଖି କଞ୍ଜରଭେନ୍ସିଗୁଡ଼ିକ ଉପରେ ପଡ଼ିଛି। ସେମାନେ ରାତାରାତି ସରକାରୀ ଜାଗାରେ ଘର ତିଆରି କରି ତାହାକୁ 'ଆର୍‌ଏୱାଇ' ଅନ୍ତର୍ଭୁକ୍ତ କରାଇ ଦେଉଥିବା ଜଣାପଡ଼ିଛି। ନିୟମାନୁଯାୟୀ ରାଜୀବ ଆବାସ ଯୋଜନାରେ ସାମିଲ ଲୋକଙ୍କୁ ସରକାର ଅନ୍ୟ ସ୍ଥାନରେ ଘର ଯୋଗାଇ ନ ଦେବା ପର୍ଯ୍ୟନ୍ତ ସେମାନଙ୍କ ଘର ଭଙ୍ଗାଯିବ ନାହିଁ। ଏହାର ଫାଇଦା ଉଠାଉଛନ୍ତି ଜବରଦଖଲକାରୀ। ସେମାନେ 'ଆର୍‌ଏୱାଇ'ରେ ଅନ୍ତର୍ଭୁକ୍ତ ହେବା ସହିତ ପ୍ରଶାସନକୁ ଆଇନର ପାଠ ପଢାଉଛନ୍ତି। ନିକଟରେ ୟୁନିଟ୍-୬ ଅଞ୍ଚଳରେ ଦୁଇଟି କ୍ୱାର୍ଟର୍ସ ମଧ୍ୟରେ କଞ୍ଜରଭେନ୍ସିରେ ଗଢିଉଠିଥିବା କିଛି କୋଠାଘରକୁ ଭାଙ୍ଗିବା ପାଇଁ ବିଡିଏ ଏବଂ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାଇଥିଲେ। ତେବେ ସେଠାକାର ବାସିନ୍ଦା ସେମାନଙ୍କୁ ସମ୍ପୃକ୍ତ ଘରଗୁଡିକ 'ଆରଏୱାଇ'ରେ ନିର୍ମାଣ ହୋଇଥିବା ଜଣାଇଥିଲେ। ଫଳରେ ଉଚ୍ଛେଦ ହୋଇପାରି ନ ଥିଲା। ସେହିଭଳି ୟୁନିଟ୍-୪ ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟ, ବିଧାୟକ କ୍ୱାର୍ଟର୍ସ ମଧ୍ୟରେ ଗଢି ଉଠିଥିବା କେତେକ ଘର ମଧ୍ୟ 'ଆର୍‌ଏୱାଇ'ରେ ନିର୍ମିତ ହୋଇଥିବା ସୂଚନା ମିଳିଛି। ଏହି ଘରଗୁଡ଼ିକ କିଭଳି 'ଆରଏୱାଇ' ଅନ୍ତର୍ଭୁକ୍ତ ହେଲା ତାହା ଏବେ ପ୍ରଶାସନକୁ ଆଶ୍ଚର୍ଯ୍ୟ କରିଛି।

ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜାଣତରେ ଏହି ସବୁ କାର୍ଯ୍ୟ ହେଉଛି। କେତେଜଣ ଅଧିକାରୀ ଦୀର୍ଘ ଦିନ ହେବ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି। ଆର୍‌ଏୱାଇରେ ନିର୍ମିତ ଘରଗୁଡ଼ିକୁ ଭାଙ୍ଗି ହେବ ନାହିଁ। ଏହାସତ୍ତ୍ୱେ ସେଗୁଡ଼ିକୁ ଅଧିକାରୀମାନେ କାହିଁକି ଅନୁମୋଦନ ଦେଉଛନ୍ତି ସେକଥା କହିହେବନି ବୋଲି ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ସ୍ମାର୍ଟସିଟିରୁ ଜବରଦଖଲ ହଟାଇବା ପାଇଁ ପ୍ରଶାସନ ଅଣ୍ଟା ଭିଡୁଥିବା ବେଳେ ରାତାରାତି ଗଢି ଉଠୁଥିବା ଜବରଦଖଲ ଘରକୁ କିନ୍ତୁ ସହଜରେ ବିଦ୍ୟୁତ ଓ ପାଣି ସଂଯୋଗ ମିଳିଯାଉଛି। ବିଦ୍ୟୁତ ଓ ଜନସ୍ୱାସ୍ଥ୍ୟ ବିଭାଗର ମଧୁଚନ୍ଦ୍ରିକା ଯୋଗୁ ଜବରଦଖଲକାରୀମାନେ ଫାଇଦା ପାଉଥିବାବେଳେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଥା ଭୁଲିଯାଉଛନ୍ତି ସରକାର। ଅନ୍ୟପକ୍ଷରେ ସହରର ସଫେଇ କାର୍ଯ୍ୟ ଠିକ୍ ଭାବେ ଚାଲିଥିବା ବିଏମ୍‌ସି ଟୁଇଟ ପରେ ଟୁଇଟ କରୁଛି। ହେଲେ କଞ୍ଜରଭେନ୍ସିରେ ଗଢିଉଠିଥିବା ବେଆଇନ ନିର୍ମାଣ ପ୍ରତି ଆଖି ବୁଜିଦେଇଛି।



- ଆର୍‌ଏୱାଇରେ ସାମିଲ ଯୋଗୁ ହୋଇପାରୁନି ଉଚ୍ଛେଦ
- ପ୍ରହସନ ପାଲଟିଛି ସଫେଇ
- ଆଖି ବୁଜିଦେଇଛି ବିଏମ୍‌ସି




## ପ୍ରଥମ କନ୍ୟାପିତାଙ୍କୁ ଅଟକ ରଖି ଦ୍ୱିତୀୟ ବିବାହ ଉଦ୍ୟମ
# ଶିଶୁପାଳ ହୋଇ ଫେରିଲେ ବର

**ବ୍ରହ୍ମଗିରି, ୧୪।୭(ଡି.ଏନ.ଏ):** ବ୍ରହ୍ମଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଟେ ବରକୁ ଦୁଇଟି କନ୍ୟା ବିବାହ କରିବାକୁ ନେଇ ହାନସ୍ତା ହୋଇଛନ୍ତି ବରପକ୍ଷ। ଶେଷରେ ଦୁଇଟିଯାକ କନ୍ୟା ଛାଡି ଚାଲିଯିବାରୁ ବର ଶିଶୁପାଳ ହୋଇ ଫେରିବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଶନିବାର ଏକ ବିବାହ କନ୍ୟା ଓ ବରପକ୍ଷଙ୍କ ସମ୍ମତିକ୍ରମେ ସ୍ଥିର ହୋଇଥିଲା। କିନ୍ତୁ ସେଦିନ ସକାଳୁ କନ୍ୟାପିତା ବରଘରକୁ ଆସି କୌଣସି କାରଣରୁ ଝିଅ ରାଜି ହେଉ ନ ଥିବା କହି ବିବାହ ପାଇଁ ମନା କରିଥିଲେ। ଏହି ଖବର ଶୁଣିବା ପରେ ବରପକ୍ଷ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଁ କୋଠଘରେ ଅଟକ ରଖିଥିଲେ। ଏପଟେ ଯୁଦ୍ଧକାଳିନ ଭିତ୍ତିରେ ବିବାହ ପାଇଁ ଅନ୍ୟତ୍ର କନ୍ୟା ଖୋଜା ଆରମ୍ଭ ହୋଇଥିଲା। ଶେଷରେ ଆଉ ଏକ କନ୍ୟା ଠିକ କରି କନ୍ୟାଟିକୁ ଆଣିବାକୁ ଯାଇଥିବା ସମୟରେ ପୂର୍ବରୁ ଦେଖିଥିବା କନ୍ୟା ପୁଣି ସେହି ବରକୁ ବିବାହ କରିବାକୁ ରାଜି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଟିଯାକ କନ୍ୟା ବଧୂବେଶ ହୋଇ ପହଞ୍ଚି ଯାଇଥିଲେ। ବରଘର ହଠାତ ଦୁଇଟି କନ୍ୟାଙ୍କୁ ଦେଖି ଚିନ୍ତାରେ ରହିଥିବା ସମୟରେ ପ୍ରଥମ କନ୍ୟାପିତା ବରଘର ଏଭଳି ବ୍ୟବହାର ଦେଖି ନିଜ ଝିଅକୁ ବିବାହ ଦେବାକୁ ରାଜି ନ ହୋଇ କନ୍ୟାଧରି ଚାଲିଯାଇଥିଲେ। ପରେ ଦ୍ୱିତୀୟ କନ୍ୟାପକ୍ଷ ଏହି ଘଟଣା ବିଷୟରେ ଜାଣିବା ପରେ ସେମାନେ ମଧ ନିଜ ଝିଅକୁ ଉକ୍ତ ବର ସହ ବିବାହ କରିବାକୁ ରାଜି ହେଲେ ନାହିଁ। ଶେଷରେ ସେ ମଧ ତାଙ୍କ ଝିଅକୁ ଫେରାଇ ନେଇଥିଲେ। ଦୁଇଜଣ କନ୍ୟା ଫେରିଯିବା ପରେ ବର କାହାକୁ ବିବାହ କରି ନ ପାରି ଶିଶୁପାଳ ହୋଇ ଫେରିଗଲେ।




ରସଗୋଲା ଦିବସର ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ଜାତୀୟ ରାଜପଥ ଅବରୋଧ
# ଅଧରପଣା ନୀତି ଦର୍ଶନରୁ ବଞ୍ଚିତ ଶ୍ରଦ୍ଧାଳୁ

**ପୁରୀ ଅଫିସ, ୧୪।୭:** ପୁରୀ-ଭୁବନେଶ୍ୱର ଜାତୀୟ ରଜପଥର ପଟ୍ଟନାୟକିଆ ଛକରେ ଅବରୋଧ ଯୋଗୁ ଅନେକ ଶ୍ରଦ୍ଧାଳୁ ଅଧରପଣା ନୀତି ଦେଖିବାରୁ ବଞ୍ଚିତ ହୋଇଛନ୍ତି। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଜାତୀୟ ରାଜପଥ ଉପରେ ୩ଜଣଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣାକୁ ନେଇ ଲୋକେ ଉତ୍ତ୍ୟକ୍ତ ହୋଇପଡିଥିଲେ। ଫଳରେ ନିଆଁ ଜାଳି ରାଜପଥ ଅବରୋଧ କରିଥିଲେ। ଏହାକୁ ନେଇ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ତେବେ ରବିବାର ଛୁଟିଦିନ ଥିବାରୁ ବହୁ ଲୋକ ପୁରୀ ଆସୁଥିଲେ। ଅନେକ କାର ଆଣି ସପରିବାର ଆସୁଥିବା ବେଳେ ଆଉ କେହି ଯାତ୍ରୀବାହୀ ବସ୍‌ରେ ମଧ ଆସୁଥିଲେ। ହେଲେ ଅଚାନକ ରାସ୍ତା ଅବରୋଧ ଯୋଗୁ ସେମାନେ ବାଟରେ ଅଟକି ଯାଇଥିଲେ। ଫଳରେ ଅବରୋଧ ହଟିବା ପରେ ପୁରୀରେ ପହଞ୍ଚିବା ବେଳକୁ ତିନିରଥରେ ଅଧର ହାଣ୍ଡି ଭଙ୍ଗା ସରିଥିଲା।

## ଚତୁର୍ଥୀ ରାତିରେ ଶ୍ୱଶୁର ଘର ଛାଡ଼ିଲେ ନବବଧୂ
# ସ୍ୱାମୀଙ୍କୁ ଦର୍ଶାଇଲେ ମାନସିକ ବିକାରଗ୍ରସ୍ତ

**ଗୋପ, ୧୪।୭(ଡ଼ି.ଏନ୍.ଏ.)**

ଅଗ୍ନିକୁ ସାକ୍ଷୀ ରଖି ସାରାଜୀବନ ସଂସାର କରିବାକୁ ଆସିଥିବା ନବବଧୂ ରବିବାର ସନ୍ଧ୍ୟାରେ ଚତୁର୍ଥୀରେ ଶ୍ୱଶୁର ଘର ଛାଡି ବାପା ଘରକୁ ଚାଲି ଯାଇଛନ୍ତି। ଏହାକୁ ନେଇ ଗୋପ ଥାନା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗତ ୧୧ ତାରିଖରେ ଗୋପ ଥାନା ଅଧୀନ ଗଡକରମଳା ଗାଁର ଜଣେ ଯୁବକ ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ କନ୍ୟାକୁ ବୈଦିକ ରୀତିରେ ବିବାହ କରିଥିଲେ। ରବିବାର ଚତୁର୍ଥୀ କାର୍ଯ୍ୟ ଲାଗି ହୋମ ସହ ଭୋଜିଭାତର ମଧ ଆୟୋଜନ କରାଯାଇଥିଲା। କିନ୍ତୁ ନବବଧୂ ତାଙ୍କ ସ୍ୱାମୀ ଜଣେ ମାନସିକ ବିକାରଗସ୍ତ ଥିବା ବାପ ଘରକୁ ଜଣାଇଥିଲେ। ବାପଘର ଲୋକେ ଏ ସମ୍ପର୍କରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ନବବଧୂଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ପରେ ୨ ପକ୍ଷ ଥାନାରେ ପହଞ୍ଚି ଆପୋସ ସମାଧାନ କରିବା ଲାଗି ଚେଷ୍ଟା କରିଥିଲେ। ହେଲେ ନବବଧୂ ଶ୍ୱଶୁର ଘରେ ରହିବାକୁ ରାଜି ହୋଇ ନ ଥିଲେ। ବୀରତୁଙ୍ଗ ସରପଞ୍ଚ ଶଶାଙ୍କ ଶେଖର ମହାପାତ୍ରଙ୍କୁ ପଚାରିବାରେ ସେ କହିଲେ, ଥାନାଧିକାରୀ ଡାକିବାରୁ ମୁଁ ଥାନାକୁ ଯାଇଥିଲି। ଯୁବକ ଜଣକ ଭଲ ପିଲା। ସେ ମାନସିକ ବିକାରଗ୍ରସ୍ତ ନୁହେଁ ବୋଲି ମୁଁ ଥାନାରେ କହିଥିଲି। ଯୁବକଙ୍କ ବାପା କହିଛନ୍ତି ଯେ, ମୋ ପୁଅ ଉଚ୍ଚ ଶିକ୍ଷିତ। ସେ ଜଣେ ଭଦ୍ର ଓ ନମ୍ର ସ୍ୱଭାବର। ଏ ସଂକ୍ରାନ୍ତରେ କନ୍ୟାପିତା କହିଛନ୍ତି ଯେ, ଝିଅ ଯେହେତୁ ଅଭିଯୋଗ କଲା ତା'ର ଭବିଷ୍ୟତକୁ ଲକ୍ଷ୍ୟ କରି ତାକୁ ଘରକୁ ନେଉଛି। ଡାକ୍ତରୀ ପରୀକ୍ଷା ପରେ ଯଦି ଜ୍ୱାଇଁ ଭଲ ଥିବା ଜଣାପଡ଼େ ତାହାହେଲେ ପରିବାର ଲୋକଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ଥାନାରେ ଆପୋସ ସମାଧାନ ଲାଗି ଉଦ୍ୟମ କରିଥିଲୁ। ମାତ୍ର ଏଥିରେ ନବବଧୂ ରାଜି ନ ହୋଇ ବାପ ଘରକୁ ପଳାଇ ଯାଇଛନ୍ତି।

# ଜିଏସ୍‌ଟି ସଂକ୍ରାନ୍ତ ଆଲୋଚନାଚକ୍ର

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ଦ ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟସ୍ ଅଫ ଇଣ୍ଡିଆ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ରବିବାର ସିଏମ୍‌ଏ ଭବନରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମୃତ୍ୟୁଞ୍ଜୟ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଇଣ୍ଡ ଏଏସ ୧୧୫ ଓ ୧୧୬' ଏବଂ 'ରେଭିନ୍ୟୁ ଫ୍ରମ କଣ୍ଟ୍ରାକ୍ଟସ ଓ ଲିଜ୍' ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସିଏମ୍‌ଏ ଶକ୍ତିଧର ସିଂହ ବିବରଣୀ ପ୍ରଦାନ କରିଥିଲେ। ସିଏମ୍‌ଏ ମୁକେଶ ଚୌବେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଚ୍ୟାପ୍ଟର ସମ୍ପାଦକ ସିଏମ୍‌ଏ ହିମେଜ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଧରିତ୍ରୀ ଛୁଟିଦିନରେ ପ୍ରକାଶିତ ଫଟୋ ଓ ଖବରକୁ ନେଇ ପରିବେଶ ସୁରକ୍ଷା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

**ସୋରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**




**ଖୋର୍ଦ୍ଧା ଅଫିସ, ୧୪।୭**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସୋରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଆୟୋଜିତ ହୋଇଥିଲା ପରିବେଶ ସୁରକ୍ଷା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ଏଥିରେ ଗଛର କାହାଣୀ ସ୍ଥାନ ପାଇଥିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଧରିତ୍ରୀ ଛୁଟିଦିନରେ ପ୍ରକାଶିତ ବିଭିନ୍ନ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଫଟୋ ଓ ଖବର ଉପରେ ଉତ୍ତର ରଖିଥିଲେ। ପିଲାଙ୍କ ଉତ୍ତରରେ ଶୁଣିବାକୁ ମିଳିଥିଲା କେଉଁଠି ଠେଙ୍ଗା ଜଙ୍ଗଲ ଜଗୁଛି ତ ଆଉ କେଉଁଠି ବ୍ୟକ୍ତିଗତ ଭାବେ ଜଙ୍ଗଲ ସୃଷ୍ଟି କରାଯାଇଛି । ସେହିଭଳି କିଏ ଫୁଲଗଛରୁ ଜୀବିକା ଅର୍ଜନ କରି କୋଟିପତି ହୋଇଛି ତ ଆଉ କିଏ ଗଛ ଲଗାଇ ତା'ର ଲାଳନପାଳନ କରି ନିଜର ଜୀବନକୁ ଉତ୍ସର୍ଗ କରି ଦେଇଛି। କେଉଁଠି ମହିଳାଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ହୋଇଛି ତ ଆଉ କେଉଁଠାରେ ଗ୍ରାମବାସୀ ଜଙ୍ଗଲର ପୁନରୁଦ୍ଧାର କରି ପ୍ରେରଣାର ଉତ୍ସ ପାଲଟିଛନ୍ତି। ପୁଣି ସ୍କୁଲର ଛାତ୍ରୀଛାତ୍ର ଶିକ୍ଷକଙ୍କ ସହ ମିଶି ନୂଆ ଜଙ୍ଗଲ ସୃଷ୍ଟି କରିଛନ୍ତି। ପୁଣି ବରଗଛ, ଅଶ୍ୱତ୍ଥଗଛର ମହାନତା ମଧ ଶୁଣିବାକୁ ମିଳିଥିଲା। ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଯୋଗୀନାଥ ବେହେରା, ସିଆରସିସି ସୂର୍ଯ୍ୟକାନ୍ତ ସେଠୀ, ଶିକ୍ଷକ ଅଶୋକ ମାନସିଂହ ପ୍ରମୁଖ ଯୋଗ ଦେଇ ଗଛର ଉପକାରିତା ବିଷୟରେ କହିଥିଲେ। ସୋରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କରଞ୍ଜ, ଆମ୍ବ, ଅଁଳା, ଅଶୋକ, ଜାମୁକୋଳି, ବଉଳ ଆଦି ୭୫ ଟି ଚାରା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ରୋପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଉର୍ମି



ହେମନ୍ତ



ସୌମ୍ୟା ଶ୍ରୀଚନ୍ଦନ



ବିଜୟଲକ୍ଷ୍ମୀ



ହାପି



ପୂର୍ଣ୍ଣଚନ୍ଦ୍ର



ଅମିତ୍



ଦେବାଶିଷ



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।

- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଫୁଲନଖରା, ୧୪।୭(ଡି.ଏନ.ଏ.):** କଟକ-ଭୁବନେଶ୍ୱର ୧୬ ନଂ ଜାତୀୟ ରାଜପଥର ବାଲିକୁଦା ଛକଠାରେ ରବିବାର ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ କଟକସ୍ଥିତ ପିଠାପୁର ଅଞ୍ଚଳର ଦେବଦତ୍ତ ଦାସ(୪୧) ହୋଇଥିବା ବେଳେ ଗୁରୁତରଙ୍କ ପରିଚୟ ଜଣାପଡିନାହିଁ। ସୂଚନାଯୋଗ୍ୟ, କଟକରୁ ଭୁବନେଶ୍ୱର ଅଭିମୁଖେ ବାଇକରେ ଦେବଦତ୍ତ ଓ ତାଙ୍କର ଜଣେ ସାଥୀ ଆସୁଥିଲେ। ପଛରୁ କୌଣସି ଏକ ଗାଡି ଧକ୍କା ଦେଇ ପଳାଇଥିଲା। ତେବେ ଘଟଣାସ୍ଥଳରେ ଦେବଦତ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ କଟକ ସଦର ପୋଲିସ ପହଞ୍ଚି ଗୁରୁତରଙ୍କୁ କଟକ ବଡ ମେଡିକାଲ ପଠାଇଥିବା ବେଳେ ଦେବଦତ୍ତଙ୍କ ମୃତଦେହ ମଧ୍ୟ ବ୍ୟବଚ୍ଛେଦ ପାଇଁ ସେଠାକୁ ପଠାଇଛି।

### ଯୌତୁକ ନିର୍ଯାତନା ଘଟଣା
### ଜେଲ ଯାଇନାହାନ୍ତି ଅଭିଯୁକ୍ତ ସ୍ୱାମୀ

ଭୁବନେଶ୍ୱର, ୧୪।୭(ବ୍ୟୁରୋ): ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଭିଏସ୍‌ଏସ୍‌ନଗର ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ସ୍ୱାମୀ ଦେବୀ ପ୍ରସାଦ ନାୟକଙ୍କୁ ଗିରଫ କରି ଗତ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଦେବୀ ପ୍ରସାଦଙ୍କ ଜାମିନ ମଞ୍ଜୁର ହୋଇଥିବାରୁ ସେ ଜେଲ୍ ଯାଇନାହାନ୍ତି। କିନ୍ତୁ ଗତ ୧୨ ତାରିଖ ଧରିତ୍ରୀର ପୃଷ୍ଠା-୧୬ରେ ପ୍ରକାଶିତ ଏ ସମ୍ପର୍କିତ ଖବରରେ ସେ ଜେଲ୍ ଯାଇଥିବା ନେଇ ଭୁଲ୍‌ରେ ଉଲ୍ଲେଖ ହୋଇଥିଲା।

### ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀଅଫିସ, ୧୪।୭ :** ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ନିକଟରେ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ପରେ ପୋଲିସ ଯୁବକଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକ ହେଲେ ଖଣ୍ଡିଆବନ୍ଧ ଗ୍ରାମର କୈଳାଶ ନାୟକ । କୈଳାଶ କିଛି ଦିନ ଧରି ଅସୁସ୍ଥ ଥିଲେ। କୌଣସି କାରଣକୁ ନେଇ ଘରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା।

# ଶିଶୁ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା

■ଚିକିତ୍ସାରେ ଅବହେଳା ଅଭିଯୋଗ

■କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ଦାବି କଲେ ପରିବାରବର୍ଗ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ଗର୍ଭାବସ୍ଥାରେ ଥିବା ଶିଶୁର ମୃତ୍ୟୁକୁ ନେଇ ନୟାପଲ୍ଲୀ ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସାରେ ଅବହେଳା ଯୋଗୁ ଶିଶୁଟିର ମୃତ୍ୟୁ ଘଟିଥିବା ପରିବାରବର୍ଗ ଏବଂ ସମ୍ପର୍କୀୟମାନେ ଅଭିଯୋଗ ଆଣି ହସ୍ପିଟାଲ ସମ୍ମୁଖରେ ହୋହଲ୍ଲା କରିଥିଲେ। ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କୁ ଗିରଫ କରାଯିବା ସହ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ସେମାନେ ଅଡ଼ିବସିଥିଲେ। ଖବର ପାଇ ୫ନଂ. ଜୋନ୍ ଏସିପି ଅନିଲ କୁମାର ମିଶ୍ର ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମା’ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।

ସୂଚନା ଅନୁଯାୟୀ, ପୁରୀ ଜିଲା ଡେଲାଙ୍ଗ ଗୁଆଚଉକା ଗ୍ରାମର ସମିନା ବେଗମଙ୍କର ଶନିବାର ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲ ଏବଂ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ଅଣାଯାଇଥିଲା। ମାତ୍ର ଉକ୍ତ ଦୁଇ ହସ୍ପିଟାଲ ଫେରାଇ ଦେବାରୁ ସମିନାଙ୍କୁ ଉକ୍ତ ଘରୋଇ ହସ୍ପିଟାଲରେ ରବିବାର ଭୋର ପ୍ରାୟ ୫.୧୫ରେ ଆଡମିଶନ କରାଯାଇଥିଲା। ମା’ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ନର୍ସ କହି ଡାକ୍ତରଙ୍କୁ ଡାକିଥିଲେ। ମାତ୍ର ଡାକ୍ତର ଆସିବାରେ ବିଳମ୍ବ ହେବାରୁ ମା’ପେଟରେ ଶିଶୁଟିର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏଥିପାଇଁ ସେମାନେ ଡାକ୍ତର ଓ ନର୍ସଙ୍କ ଅବହେଳାକୁ ଦାୟୀ କରିଛନ୍ତି।

ଅନ୍ୟପକ୍ଷେ ସମ୍ପୃକ୍ତ ଡାକ୍ତର କହିଛନ୍ତି, ମା’ପେଟରେ ଶିଶୁର ଅବସ୍ଥା ଜଟିଳ ଥିଲା। ଯାହାଫଳରେ ସେମାନେ ଏକାଧିକ ହସ୍ପିଟାଲକୁ ନେଇ ବିଫଳ ହେବା ପରେ ଏଠାକୁ ଆଣିଥିଲେ। ଏଠାରେ କୌଣସି ଅବହେଳା କରାଯାଇନାହିଁ। ସେହିପରି ଏ ନେଇ ଜୋନ୍ ଏସିପି ଅନିଲ କୁମାର ମିଶ୍ର କହିଛନ୍ତି ଯେ, ଶିଶୁର ଅବସ୍ଥା ଜଟିଳ ଥିବା ବେଳେ ସେମାନେ ହସ୍ପିଟାଲରେ ଆଡମିଶନ କରିଥିଲେ। ହେଲେ ତା’ର ମୃତ୍ୟୁ ଘଟିବା ପରେ ପରିବାର ଲୋକେ ଡାକ୍ତରଙ୍କ ଅବହେଳା ଅଭିଯୋଗ ଆଣିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ଲିଖିତ ଅଭିଯୋଗ ହେଲେ ତଦନ୍ତ କରାଯିବ।

# ନନ୍ଦନକାନନ: ପୁଣି ହେବ ବାଘଙ୍କ ମିଳନ ପ୍ରକ୍ରିୟା



ତିନି ଯୋଡ଼ିକୁ ସାମିଲ କରାଯିବ

ବାରଙ୍ଗ, ୧୪।୭(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣି ଆରମ୍ଭ ହେବାକୁ ଯାଉଛି ବାଘମାନଙ୍କ ମିଳନ ପ୍ରକ୍ରିୟା। କଳାଲୋମଯୁକ୍ତ ବାଘଛୁଆ ଜନ୍ମ କରି ନନ୍ଦନକାନନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଭାରତର ବଡ଼ ୧୮ଟି ଚିଡିଆଖାନା ମଧ୍ୟରେ ନୂଆ ଇତିହାସ ରଚି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେଥିପାଇଁ ୭ମାସର ବ୍ୟବଧାନ ପରେ ପୁଣି ଅଗଷ୍ଟରେ ଜନ୍ତୁବିଭାଗ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ୩ଯୋଡି ବାଘଙ୍କ ମିଳନ। ଏହି ପ୍ରକ୍ରିୟାରେ ସାମିଲ ହେବେ ଧଳା ମହାବଳ ବାଘ ସମ୍ରାଟ ସହ ନାଲି ବାଘୁଣୀ ରେଣୁକା, ହାଇଦ୍ରାବାଦରୁ ଆସିଥିବା ଜଙ୍ଗଲୀ ବାଘୁଣୀ ସାରା ସହ ସାତକୋଶିଆରୁ ନନ୍ଦନକାନନକୁ ପଶିଆସିଥିବା ଜଙ୍ଗଲୀ ମହାବଳ ବାଘ ନନ୍ଦନ ଏବଂ ଧଳାବାଘୁଣୀ ସ୍ନେହା ସହ ହାଇଦ୍ରାବାଦରୁ ଆସିଥିବା ଜଙ୍ଗଲୀ ମହାବଳ ବାଘ ସେଫ୍ । ଧଳା ମହାବଳ ବାଘ ସମ୍ରାଟ ସହ ମିଳନ ଯୋଗୁ ବାଘୁଣୀ ରେଣୁକା ୨୦୧୮ ଡିସେମ୍ବର ୨୨ରେ କଳାଲୋମଯୁକ୍ତର ଦୁଇଟି ଛୁଆ ଜନ୍ମଦେଇ ନନ୍ଦନକାନନକୁ ଚର୍ଚ୍ଚାକୁ ଆଣିଥିଲା। ଏହା ଦୁହିଁଙ୍କର ଦ୍ୱିତୀୟ ମିଳନ ଥିଲା। ଏହା ପୂର୍ବରୁ ହୋଇଥିବା ମିଳନରୁ ରେଣୁକା ୨୦୧୬ ମେ ୨୫ରେ ଏକ ମଲା କଳାଛୁଆ ଜନ୍ମ ଦେଇଥିଲା। ପୁଣି କଳାଲୋମଯୁକ୍ତ ବାଘଶାବକର ଆଶା ରଖି ଏବେ ତୃତୀୟଥର ପାଇଁ ଏହି ଯୋଡିଙ୍କର ମିଳନ ହେବାକୁ ଯାଉଛି। ରୋହିତ ଓ ଶୈଳଜା ଔରସରୁ ରେଣୁକା ୨୦୦୮ ଫେବୃୟାରୀ ୨୮ରେ ଜନ୍ମଗ୍ରହଣ କରିଥିବାବେଳେ ନିଶାନ ଓ କୁସୁମ ଔରସରୁ ୨୦୧୦ ମାର୍ଚ୍ଚ୧ରେ ଜନ୍ମଗ୍ରହଣ କରିଥିଲା ସମ୍ରାଟ ଓ ଧଳାବାଘୁଣୀ ସ୍ନେହା। ଏହି ଯୋଡି ନନ୍ଦନକାନନ ପାଇଁ ବିଶେଷରୂପେ ଗୁରୁତ୍ୱ ବହନ କରିଛି। ଦ୍ୱିତୀୟଥର ଡିସେମ୍ବରରେ ରେଣୁକା ପିଲା ଜନ୍ମ କରିଥିବାରୁ ଚଳିତ ଡିସେମ୍ବରକୁ ଆଶା ରଖି ଏମାନଙ୍କ ମିଳନ ପାଇଁ ଜନ୍ତୁ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି। ଅନ୍ୟପକ୍ଷରେ ୧୮ ଏପ୍ରିଲ ୨୦୦୯ରେ ହାଇଦ୍ରାବାଦରୁ ଜଙ୍ଗଲୀ ବାଘୁଣୀ ସାରାକୁ ନନ୍ଦନକାନନକୁ ଅଣାଯାଇଥିଲା। ସେହିଭଳି ପ୍ରେମପାଗଳ ମହାବଳ ବାଘ ନନ୍ଦନ ସାତକୋଶିଆରୁ ଆସି ୨୦୧୩ ଜୁଲାଇ ୭ରେ ନନ୍ଦନକାନନରେ ପଶିଥିଲା। ୨୦ ଏପ୍ରିଲ ୨୦୧୬ରେ ନନ୍ଦନ ଓ ମେଘାର ପ୍ରଥମକରି ମିଳନରୁ ବାହୁବଳୀ ଓ କୁନ୍ଦନ ଜନ୍ମ ହୋଇଥିବାବେଳେ ଏବେ ସାରା ଓ ନନ୍ଦନଙ୍କ ମିଳନ ପାଇଁ ଯୋଜନା କରାଯାଇଛି। ସେହିପରି ପୂର୍ବରୁ ସେଫ୍ ସହ ଅଙ୍କିତାର ମିଳନ ହୋଇଥିଲା। ଫଳରେ ୨୦୧୮ ଜାନୁୟାରୀ ୧୨ରେ ଅଙ୍କିତା ଦୁଇଟି ଛୁଆ ଜନ୍ମ ଦେଇଥିଲା। ହେଲେ ସେଥିମଧ୍ୟରୁ ଅଣ୍ଡିରାଛୁଆ ମରିଯାଇଥିଲାବେଳେ ମାଈଛୁଆଟି ବଞ୍ଚିଯାଇଥିଲା। ୭ ଡିସେମ୍ବର ୨୦୧୬ରେ ହାଇଦ୍ରାବାଦ ନେହେରୁ ଜୁଲୋଜିକାଲ ପାର୍କରୁ ସେଫ୍‌କୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଅଣାଯାଇଥିଲା। ସୂଚନାଥାଉ କି ଅଗଷ୍ଟରେ ମିଳନ ଯଦି ସଫଳ ହୁଏ, ତେବେ ନଭେମ୍ବର ଶେଷ କିମ୍ବା ଡିସେମ୍ବରରେ ବାଘଛୁଆ ଜନ୍ମ ହେବା ସମ୍ଭାବନା ରହିଛି। ବାଘୁଣୀମାନେ ସାଧାରଣତଃ ୧୦୩ରୁ ୧୦୫ଦିନ ଗର୍ଭଧାରଣ କରି ଜନ୍ମ କରିଥାନ୍ତି ।

# ‘ଯାଦବମାନେ ରାଜନୈତିକ ଶକ୍ତି ଅଭିବୃଦ୍ଧି କରିବା ପାଇଁ ସଂଗ୍ରାମ କରନ୍ତୁ’




ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ ଅଫିସ/କଟକ ସଦର, ୧୪।୭ (ଡି.ଏନ୍.ଏ.)

**ଉତ୍କଳ ଯାଦବ ମହାସଭାର ସମ୍ବର୍ଦ୍ଧନା ସଭା**

ଉତ୍କଳ ଯାଦବ ମହାସଭା ପକ୍ଷରୁ ୪୨ ମୌଜାସ୍ଥିତ ଶ୍ରୀକୃଷ୍ଣବିହାରଠାରେ ଥିବା ଯଶୋଦା ଗାର୍ଡେନ ପରିସରରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗଦେଇ ଓଡ଼ିଶାରେ ଯାଦବମାନଙ୍କ ଐକ୍ୟ, ଐତିହ୍ୟ ଓ ଅଧିକାର ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ଦିନରେ ସଙ୍ଗଠନକୁ ଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ଅଭିବୃଦ୍ଧି ଘଟିବା ସହ ଦିନକୁ ଦିନ ମଜବୁତ ହେବାରେ ଲାଗିଛି ଉତ୍କଳ ଯାଦବ ମହାସଭା। ଯାଦବମାନେ ରାଜନୈତିକ ଶକ୍ତି ଅଭିବୃଦ୍ଧି କରିବା ପାଇଁ ସଂଗ୍ରାମ କରନ୍ତୁ। ଗତ ନିର୍ବାଚନରେ ମହାସଭାର ୩ଜଣ ସଦସ୍ୟ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଆଗାମୀ ନିର୍ବାଚନରେ ଏହି ସଂଖ୍ୟା ୧୦ ଛୁଇଁବାକୁ ପ୍ରଚେଷ୍ଟା ହେଉ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ସଭାପତି ଆଶୀର୍ବାଦ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶତାଧିକ ଯୁବକ କେନ୍ଦ୍ରମନ୍ତ୍ରୀଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ରାୟ ଯଶୋଦା ଗାର୍ଡେନକୁ ଉଦ୍‌ଘାଟନ କରିଥିବାବେଳେ ମହାସଭା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଉପସଭାପତି ପ୍ରଫୁଲ୍ଲ ଦାସ, ମହିଳା ସଭାନେତ୍ରୀ ଗୀତାରାଣୀ ଦାସ, ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ବେହେରା, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ ଓ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁବ ଯାଦବ ମହାସଭା ସଭାପତି ଇଂ. ପ୍ରଦୀପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ଧନ୍ୟବାଦ ଦେଇଥିଲେ।

**ଅଟୋ ଓଲଟି ଶିଶୁକନ୍ୟା ମୃତ**

# ମା’ବାପା ଆହତ, ବାଣପୁରରେ ଚାପା ଉତ୍ତେଜନା

ଖୋର୍ଦ୍ଧା ଅଫିସ, ୧୪।୭

ବାଣପୁର ବାଲୁଗାଁ ରାସ୍ତାର ଅନ୍ତରକିଆରି ଛକରେ ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ଅଟୋ ଓଲଟି ଜଣେ ୩ ବର୍ଷର ଶିଶୁ କନ୍ୟାଙ୍କର ମୃତ୍ୟୁ ହୋଇଛି । ମୃତା ହେଲେ ଶୁଭଶ୍ରୀ ଦେହୁରୀ। ଘର ଭୁବନେଶ୍ୱର ଶିରିପୁରରେ। ଏହି ଦୁର୍ଘଟଣାରେ ଶୁଭଶ୍ରୀଙ୍କ ବାପା ସୁକାନ୍ତ ଓ ମା’ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଶିରିପୁରର ସୁକାନ୍ତ ଦେହୁରୀ ସ୍ତ୍ରୀ ଓ ଝିଅ ସହ ବାଣପୁର ବ୍ଲକ ତୁମ୍ବାରୁପୁଟ ପଞ୍ଚାୟତ ଆବଳିମ୍ବ ଗାଁକୁ ରବିବାର ଆସିଥିଲେ। କାମ ଶେଷ କରି ଏକ ଅଟୋ ଯୋଗେ ବାଲୁଗାଁ ଯାଇଥିଲେ। ବାଟରେ ଅଟୋଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକ ଆହତମାନଙ୍କୁ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୋଲିସ ଆସିବାରେ ବିଳମ୍ବ ହେବା ସହ ଅନ୍ୟ କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା।

■ଏମ୍‌ପି ଅନୁଭବ, ଭାଇ ଅନୁପ୍ରାସଙ୍କ ନାଁରେ ଦୁର୍ବ୍ୟବହାର ଘଟଣା

# ‘ପୋଲିସ ମାମଲାର ଦିଗ ବଦଳାଇବାକୁ ଚେଷ୍ଟା କରୁଛି’

କଟକ ଅଫିସ, ୧୪।୭

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ଭାଇ ଅନୁପ୍ରାସ ମହାନ୍ତି ଏକ ଗଣମାଧ୍ୟମ ସଂସ୍ଥାର ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଗତ ଜୁନ୍ ୧୪ରେ ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକମାମଲା (ନଂ.୧୧୩/୧୯) ରୁଜୁକରିତଦନ୍ତ ଆରମ୍ଭ କରିଥିଲା। ହେଲେ ଏହି ଘଟଣାକୁ ୧ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଫଳରେ ଅଭିଯୋଗକାରିଣୀ ରବିବାର ପୁନର୍ବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମହିଳା ଖବରଦାତାଙ୍କ କହିବା ଅନୁଯାୟୀ, ମୁଖ୍ୟତଃ ମୁଁ ଅନୁପ୍ରାସଙ୍କ ବିରୋଧରେ ଅଭିଯୋଗ କରିଥିଲି। ହେଲେ ପୋଲିସ ମୁଖ୍ୟ ଅଭିଯୁକ୍ତ ଅନୁପ୍ରାସଙ୍କୁ ଛାଡ଼ି ସେହିଦିନ ରାତିରେ ଘଟିଥିବା ଘଟଣା ଉପରେ ତଦନ୍ତ କରିଥିଲା। ତାହା ଉପରେ ତଦନ୍ତ କରି ଅନୁଭବ, ଅନୁପ୍ରାସ ଏବଂ ଅନୁଭବଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାଁରେ ମାମଲା ରୁଜୁକରି ଚୁପ ବସିପଡ଼ିଛି। ଅନୁପ୍ରାସ ପୂର୍ବରୁ ମୋତେ ଯେଉଁ କମେଣ୍ଟ ମାରିଥିଲେ ତାହା ଉପରେ କୌଣସି ତଦନ୍ତ ନ କରି ମାମଲାର ଦିଗ ବଦଳାଇବାକୁ ଚେଷ୍ଟା କରୁଥିବା ସେ କହିଛନ୍ତି। ଅନୁପ୍ରାସ ଅନୁଭବଙ୍କ ଭାଇ ହୋଇଥିବାରୁ ପୋଲିସ ଚାପରେ ପଡ଼ି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୁରୀଘାଟ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କୁହନ୍ତି, ଅଭିଯୋଗ ଆଧାରରେ ଆମେ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ଅନୁଭବଙ୍କ ପଡୋଶୀଙ୍କୁ ଆମେ ପଚରାଉଚରା କରିଥିଲେ ମଧ୍ୟ କେହି ମହିଳାଙ୍କୁ ଖରାପ ବ୍ୟବହାର କରିଥିବା ନେଇ ସୂଚନା ଦେଇ ନ ଥିଲେ। ଆମେ ମହିଳାଙ୍କ ଅଫିସ ଯାଇ ସେଠି ମଧ୍ୟ ପଚରାଉଚରା କରିଥିଲୁ। ହେଲେ ମହିଳାଙ୍କୁ କମେଣ୍ଟ ମାରିଥିବା ନେଇ ତାଙ୍କ ଅଫିସରେ କେହି ଜାଣି ନ ଥିବା କହିଥିଲେ। ତେବେ ଏହା ଉପରେ ଅଧିକ ତଦନ୍ତ ଜାରି ରହିଛି।

ମହିଳା ଖବରଦାତାଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ଘର ପୁରୀଘାଟ ଥାନା ଅନ୍ତର୍ଗତ ଖାଁଣ୍ଡିମିଙ୍ଗଳାରୁ ଅଫିସ ଯାଉଥିବାବେଳେ ଅନୁପ୍ରାସ ଏବଂ ତାଙ୍କ ସାଙ୍ଗମାନେ ନଦୀସାହି ନିକଟରେ ତାଙ୍କୁ କମେଣ୍ଟ ମାରୁଥିଲେ। ୨୦୧୭ରୁ ଏଭଳି କମେଣ୍ଟ କରିଆସୁଥିବାବେଳେ ଗତ ଜୁନ୍ ୧୨ରେ ମଧ୍ୟ ସେଭଳି ଘଟଣା ଘଟିଥିଲା। ଏ ସମ୍ପର୍କରେ ଅନୁଭବଙ୍କୁ ଜଣାଇବା ପାଇଁ ସେ ଜୁନ୍ ୧୨ ତାରିଖ ରାତି ୧୦ଟାରେ କଟକ ନଦୀସାହିସ୍ଥିତ ତାଙ୍କ ବାସଭବନକୁ ଯାଇଥିଲେ। କିନ୍ତୁ ତାଙ୍କୁ ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶନୀ ଗାଳିଗୁଲଜ କରିଥିଲେ। ଏପରି କି ଅନୁଭବ ତାଙ୍କ ଉପରକୁ ଛେପ ପକାଇଥିବା ନେଇ ସେ ଜୁନ୍ ୧୪ରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ତେବେ ଅନୁଭବ ଜୁନ୍ ୧୪ରେ ଏକ ଖବରଦାତା ସମ୍ମିଳନୀ ଡାକି ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ୫ଜଣଙ୍କୁ ନୃତ୍ୟାୟନା ଗୌରବ ସମ୍ମାନ

ନୃତ୍ୟାୟନା ବାର୍ଷିକୋତ୍ସବ ପାଳିତ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)



ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।



ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ‘ନୃତ୍ୟାୟନା’ ରବିବାର ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସିପି ବିଷ୍ଣୁ ମୋହନ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୃତ୍ୟଗୁରୁ ଶରତଚନ୍ଦ୍ର ଦାସ, ଗୁରୁ ସୁହାଗ ନଳିନୀ ଦାସ, ସାମାଜିକ କର୍ମୀ ସସ୍ମିତା ଦାସ, ଓଡ଼ିଶା ସମାଜସେବୀ ମହାସଂଘର ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫ଜଣ ବ୍ୟକ୍ତିଙ୍କୁ ନୃତ୍ୟାୟନା ଗୌରବ ସମ୍ମାନ ୨୦୧୯ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ନୟାଗଡ଼ ଜିଲା ଭାପୁର ତହସିଲଦାର ଡ. ସୁନିତା ଜେନା, ମାହାରୀ ନୃତ୍ୟଗୁରୁ ଚନ୍ଦ୍ରିକା ରଣା, ଯୁବ ଖବରଦାତା ସତ୍ୟନାରାୟଣ ରାଉତରାୟ, ଯୁବ ସାମାଜିକ କର୍ମୀ ବିଦ୍ଦାସ ଚିନୁ ଏବଂ ଚଳଚ୍ଚିତ୍ର ଓ ଧାରାବାହିକ ଅଭିନେତ୍ରୀ ସବିତାମଞ୍ଜରୀ ସାହୁ। ଏହି ଅବସରରେ ନୃତ୍ୟାୟନା ଅନୁଷ୍ଠାନର ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଉତ୍କଳର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟ ନେଇ ଏହି ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ଏଠାରେ ଶତାଧିକ ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ ଶିକ୍ଷା ନେଉଛନ୍ତି ବୋଲି ନୃତ୍ୟଗୁରୁ ସୁନିତା ମହାରଣା ସୂଚନା ଦେଇଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ରବିବାର ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।



ଭୁବନେଶ୍ୱର ସୂଚନା ଭବନରେ ରବିବାର ଅଭିନ୍ନ ଚିତ୍ରକଳା ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।




ସାମାଜିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ରବିବାର ଅନୁଷ୍ଠିତ ଛାତ୍ରୀଛାତ୍ରଙ୍କ ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀ।



ନିଜର ଉନ୍ନତିରେ ସନ୍ତୁଷ୍ଟ ନ ହୋଇ ସମୂହ ଉନ୍ନତି ପାଇଁ ଚେଷ୍ଟା କର। ଏହାଦ୍ୱାରା ନିଜର ଉନ୍ନତି ଆପେ ଆପେ ହୋଇଯିବ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ଗାଳି ଗୁଲଜ କରିବା ଅଭିଯୋଗରେ ଅଜିତ କୁମାର ମହାଭୋଇଙ୍କୁ ରବିବାର ପୋଲିସ ଗିରଫ କରିଛି। ଅଜିତଙ୍କ ଘର ମଞ୍ଚେଶ୍ୱର ଥାନା ଅଧିନ ସମେଇଗାଡିଆ ଅଞ୍ଚଳରେ ହୋଇଥିବାବେଳେ ସେ ଜଣେ ମହିଳାଙ୍କୁ ଅନେକ ସମୟରେ ହଇରାଣ ହରକତ କରୁଥିଲେ। ଶନିବାର ଅପରାହ୍ନରେ ମହିଳା ଜଣଙ୍କ ରସୁଲଗଡ଼ ଛକ ନିକଟରେ ଯାଉଥିବା ବେଳେ ଅଜିତ ତାଙ୍କୁ ଅଟକାଇ କଥା ହେବାକୁ ଚେଷ୍ଟା କରିଥିଲେ। ସେ ନ ଅଟକିବାରୁ ଅଜିତ ତାଙ୍କୁ ଗାଳି ଗୁଲଜ କରିବା ସହ ଅସଦାଚାରଣ କରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଏତଲା ଦେବା ପରେ ପୋଲିସ ୨୭୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ବନ୍ଦ ହସ୍ପିଟାଲରୁ ଚୋରି କରି ୩ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ବନ୍ଦ ପଡ଼ିଥିବା ଏକ ଘରୋଇ ହସ୍ପିଟାଲରୁ କମ୍ପ୍ୟୁଟର, ଫ୍ୟାନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିବା ଅଭିଯୋଗରେ ୩ଜଣ ପୋଲିସ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଅଞ୍ଚଳର ରାଜା ନାୟକ, ବିଦ୍ୟାଧର ମାଝି, ଦେବ ନାରାୟଣ ଗୁପ୍ତା। ସୂଚନା ମୁତାବକ, ଉକ୍ତ ହସ୍ପିଟାଲରେ ଅଭିଯୁକ୍ତ ରାଜା ଓ ବିଦ୍ୟାଧର ଶନିବାର ରାତିରେ ପଶିଥିଲେ। ସେଠାରୁ ବିଭିନ୍ନ ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ଏ ନେଇ କାର୍ଯ୍ୟରତ କର୍ମଚାରୀ ଶ୍ରୀଧର ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୩୦୬/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶହୀଦନଗର ଥାନା ଅଧୀନ ପଥରବନ୍ଧ ବସ୍ତିରେ ଚଢ଼ାଉ କରି ରାଜା ଏବଂ ବିଦ୍ୟାଧରଙ୍କୁ ଗିରଫ କରିଥିଲା। ସେମାନଙ୍କ ତଥ୍ୟକୁ ଆଧାର କରି ଅଭିଯୁକ୍ତ ଦେବନାରାୟଣଙ୍କ କବାଡିଆ ଦୋକନରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

### ବାଇକ୍-ଅଟୋ ଧକ୍କା: ଜଣେ ଗୁରୁତର

ଭୁବନେଶ୍ୱର,୧୪।୭(ବ୍ୟୁରୋ): ନୟାପଲ୍ଲୀ ଥାନା ଅଧୀନ ସିଆର୍‌ପି ଛକ ଓଭରବ୍ରିଜ ଉପରେ ରବିବାର ଏକ ବାଇକ ଏବଂ ଅଟୋ ମଧରେ ଧକ୍କା ହୋଇଛି। ଦୁର୍ଘଟଣାରେ ବାଇକ ଚାଳକ ଜଟଣୀ ଅଞ୍ଚଳର ବିଶ୍ୱରଞ୍ଜନ ମହାନ୍ତି ଗୁରୁତର ଆହତ ହୋଇଛନ୍ତି। ଅଟୋ ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ମୁତାବକ ବିଶ୍ୱରଞ୍ଜନ ଭୁବନେଶ୍ୱରସ୍ଥିତ ଏକ ରିୟଲ ଇଷ୍ଟେଟ କମ୍ପାନୀରେ କାର୍ଯ୍ୟ କରନ୍ତି। ରବିବାର ମଧାହ୍ନରେ ସେ କାମ ସାରି ରସୁଲଗଡରୁ ଜଟଣୀସ୍ଥିତ ଘରକୁ ଫେରୁଥିଲେ। ସେ ସିଆର୍‌ପି ଓଭରବ୍ରିଜ ଉପରେ ଯାଉଥିବାବେଳେ ବରମୁଣ୍ଡା ପଟୁ ରଙ୍ଗ୍ ରୁଟ୍‌ରେ ଆସୁଥିବା ଅଟୋ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସେ ଛିଟିକି ପଡିଥିଲେ। ଖବର ପାଇ ପୋଲିସ ପହଞ୍ଚି ବିଶ୍ୱଜିତଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲା।

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ):କ୍ୟାପିଟାଲ ଥାନା ଅଧୀନ ବାପୁଜୀନଗରରୁ ଏକ ଚୋରି ବାଇକକୁ ପୋଲିସ ଠାବ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅଧିନ ତାରିଣୀ ବସ୍ତିରେ ରହୁଥିବା ସନ୍ତୋଷ କୁମାର ସାହୁ(୨୧) ଓରଫ ସନ୍ତ। ସୂଚନା ମୁତାବକ କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିବା ଅନୀଲ କୁମାର ସାହୁ ଶନିବାର ଅପରାହ୍ନରେ ବାପୁଜୀନଗରରେ ଏକ ଦୋକାନ ସମ୍ମୁଖରେ ବାଇକ ପାର୍କିଂ କରି ସାମଗ୍ରୀ କିଣାକିଣି କରୁଥିଲେ। କାମ ସାରି ବାହାରକୁ ଫେରିଲା ବେଳକୁ ତାଙ୍କର ବାଇକ ପାର୍କିଂ ସ୍ଥାନରେ ନ ଥିଲା। ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ୍ ନଂ. ୨୪୪/୧୯ ରୁଜୁ କରିବା ସହ ତଦନ୍ତ ଚଳାଇଥିଲା। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ତାରିଣୀ ବସ୍ତିରେ ଚଢ଼ାଉ କରିଥିଲା।

# ଦୁଇମାସ ବିତିଲା, ଡ୍ରେନ୍ କାମ ସରିଲାନି



ଡ୍ରେନ୍ ପାଇଁ ଖୋଳାଯାଇଥିବାରୁ ପଟା ପକାଇ ଫଳ ଦୋକାନକୁ ଅସ୍ଥାୟୀ ରାସ୍ତା କରାଯାଇଛି।

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ପ୍ରତ୍ୟେକ ବର୍ଷ ମୌସୁମୀ ଆସିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡ୍ରେନେଜ୍ ବିଭାଗର ଅଧିକାରୀମାନେ ସକ୍ରିୟ ହୋଇପଡ଼ନ୍ତି। ଡ୍ରେନ ପୁନରୁଦ୍ଧାର, ନୂଆ ଡ୍ରେନ ନିର୍ମାଣ ନେଇ ଟେଣ୍ଡର ଆଦି କଥା ସେମାନଙ୍କର ମନେପଡ଼େ। କାମ ଆରମ୍ଭ ହେଲେ ବି ନିର୍ଦ୍ଧାରିତ ସମୟ ମଧରେ ସରେନାହିଁ। ଫଳରେ ରାଜଧାନୀରେ ଜଳବନ୍ଦୀ ସମସ୍ୟା ଦେଖାଯିବା ସହ ଲୋକଙ୍କୁ ନାନା ପ୍ରକାର ହଇରାଣ ହେବାକୁ ପଡ଼େ। ଏଥର ବି ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ଲାଗି ଗତ ଦୁଇମାସ ହେଲା କାମ ଚାଲିଛି। ମାତ୍ର ବର୍ତ୍ତମାନ ସୁଦ୍ଧା କାମ ଶେଷ ହେବା ତ ଦୂରର କଥା, ଅଧା ବି ହୋଇପାରିନାହିଁ। ଏଥିରୁ ବିଏମ୍‌ସିର ପାରିବା ପଣିଆ ସହଜେ ଅନୁମେୟ। ମାଷ୍ଟରକ୍ୟାଣ୍ଟିନଠାରୁ ୪୦୦ ମିଟର ଦୂରରେ ଡ୍ରେନ ଚ୍ୟାନେଲ ନିର୍ମାଣ ବ୍ୟତୀତ ଅନ୍ୟ କିଛି କାମ ଆଗେଇନାହିଁ। ଡ୍ରେନ ନିର୍ମାଣ ଲାଗି ସମ୍ପୃକ୍ତ ଠିକାସଂସ୍ଥା ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଖୋଳି ଦେଇଥିବାରୁ ବର୍ଷା ହେଲେ ସେଠାରେ ପାଣି ଜମୁଛି। ଫଳରେ କାମ କରିହେଉନାହିଁ। ଜନପଥ କରିବା ଆଶାରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ବିଭିନ୍ନ କାର୍ଯ୍ୟ ହାତକୁ ନେଇଛି। ହେଲେ ଏହି କାର୍ଯ୍ୟରେ ବହୁ ଅବହେଳା ଦେଖିବାକୁ ମିଳୁଛି। କାର୍ଯ୍ୟରତ ଠିକା ସଂସ୍ଥା କିଛି ଚିନ୍ତା ନ କରି ରାସ୍ତାକୁ ଖୋଳିଦେବା ସମ୍ପୂର୍ଣ୍ଣ ଭୁଲ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କିଛି ଦିନ ତଳେ ଲଗାଣ ବର୍ଷା ଯୋଗୁ ଉକ୍ତ ରାସ୍ତାରେ ପାଣି ଜମିବା ସହିତ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ନିକଟସ୍ଥ ଶ୍ରେୟା ଛକରେ ଥିବା ଫଳଦୋକାନଗୁଡିକରେ ପାଣି ପଶିଯାଇଥିଲା। ବର୍ଷାଋତୁ ଆସୁଥିବା ଜାଣି ମଧ କାହିଁକି ଡ୍ରେନ କାମ ଆରମ୍ଭ କରାଗଲା ତାହା ବୁଝାପଡୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

## ଏମାନେ କୁହନ୍ତି...



### ଖୁବ୍‌ଶୀଘ୍ର କାର୍ଯ୍ୟ ସାରିବାକୁ ଚେଷ୍ଟା ଚାଲିଛି

ମୌସୁମୀ ପୂର୍ବରୁ ଡ୍ରେନେଜ୍ କାମ ସାରିବାକୁ ବିଏମ୍‌ସି ପକ୍ଷରୁ ସବୁ ଚେଷ୍ଟା କରାଯାଇଛି। ଏବେ ମଧ କାର୍ଯ୍ୟ ଜାରି ରହିଛି। ବିଏମ୍‌ସି ପକ୍ଷରୁ ନୂଆ ଡ୍ରେନ ନିର୍ମାଣ ଲାଗି ଟେଣ୍ଡର ପାସ୍ ହୋଇଥିଲା। ମୌସୁମୀ ଜନିତ ବର୍ଷା କାରଣରୁ ଡ୍ରେନ କାର୍ଯ୍ୟ ସାରିବାରେ ବିଳମ୍ୱ ହେଉଛି। କିନ୍ତୁ ଖୁବ୍‌ଶୀଘ୍ର ଏହାକୁ ସାରିବାକୁ ଚେଷ୍ଟା କରାଯାଉଛି।

–ପ୍ରଦୀପ ସାଗର ଦୁରିଆ, ଡ୍ରେନେଜ୍ ବିଭାଗୀୟ ଇଞ୍ଜିନିୟର



### ସ୍କୁଲ ଯିବା ଲାଗି ବହୁତ ବାଟ ବୁଲିବାକୁ ପଡୁଛି

ଡ୍ରେନ ପାଇଁ ରାସ୍ତା ଖୋଳା ହୋଇଥିବାରୁ ସିଧାସଳଖ ମେନ୍ ରୋଡକୁ ଯାଇ ପାରୁନାହୁଁ। ବହୁତ ବାଟ ବୁଲିବାକୁ ପଡୁଛି। ସବୁଦିନ ସ୍କୁଲରେ ପହଞ୍ଚିବାରେ ବିଳମ୍ୱ ଘଟୁଛି।

– ଦୁର୍ଗାପ୍ରସାଦ ନାଥ, ଛାତ୍ର



### ଘର ସାମ୍ନାରେ ପାଣି ଜମି ରହୁଛି

ଘରେ ପାଣି ପଶିବା କଥା ବାରମ୍ବାର ବିଏମ୍‌ସିକୁ ଅବଗତ କରାଇଛୁ। କିନ୍ତୁ ଡ୍ରେନ କାମ ନ ସରିବା ଯାଏଁ ସେମାନେ କିଛି କରିପାରିବେନି ବୋଲି କହିଛନ୍ତି। ପୂର୍ବରୁ ପାଣି ଆପେ ଆପେ ନିଷ୍କାସନ ହୋଇଯାଉଥିଲା। କିନ୍ତୁ ଏବେ ପାଣି ଘର ସମ୍ମୁଖରେ ଜମିରହୁଛି।

– ସଦାନନ୍ଦ ରାଉତ, ସ୍ଥାନୀୟ ବାସିନ୍ଦା



### କାଦୁଅରେ ଭର୍ତ୍ତି ଡ୍ରେନ ପାର୍ଶ୍ୱ ରାସ୍ତା

ରାସ୍ତା ଖୋଳି ଡ୍ରେନ ନିର୍ମାଣ କରାଯାଉଛି। ଖୋଳାଯାଇଥିବା ନାଳିମାଟିକୁ ରାସ୍ତା ପାର୍ଶ୍ୱରେ ଫୋପାଡି ଦିଆଯାଉଛି। ବର୍ଷା ହେଲେ ସେଗୁଡ଼ିକ ରାସ୍ତାକୁ ବୋହିଆସୁଛି। ଚାଲିଚାଲି ଯିବା ତ ଦୂରର କଥା ଗାଡ଼ି ନେଇ ଯାତାୟତ କରିବା କଷ୍ଟକର ହୋଇପଡୁଛି।

– ଲୋପାମୁଦ୍ରା ଜେନା, ଛାତ୍ରୀ



### ବେପାର କମିଛି

ଡ୍ରେନ ପାଇଁ ରାସ୍ତା ଖୋଳି ଦେଇଛନ୍ତି। ଲୋକଙ୍କ ଗାଡ଼ି ରଖିବା ଜାଗା ଏବେ ଖାଲ ପାଲଟିଛି। ଦୋକାନ ଆଗରେ ଗାଡି ରଖିବାକୁ ଜାଗା ନ ଥିବାରୁ ଲୋକେ ଆସୁନାହାଁନ୍ତି। ବର୍ଷା ପାଣି ମଧ ଦୋକାନ ଆଗରେ ଜମି ରହୁଛି। ସେଥିପାଇଁ ଅପରିଷ୍କାର ଲାଗୁଛି।

– ସୁଶାନ୍ତ ରାଉତ, ଫଳ ଦୋକାନୀ

## ଦିନରେ ଜଳୁଛି ଷ୍ଟ୍ରିଟ୍‌ଲାଇଟ



ବାରଙ୍ଗ,୧୪।୭(ଡି.ଏନ.ଏ.)

ଦିନରେ ଜଳୁଛି ଷ୍ଟ୍ରିଟଲାଇଟ। ଅନାବଶ୍ୟକ ଭାବେ ଏହି ଷ୍ଟ୍ରିଟଲାଇଟ ଦିନରେ ଜଳିବା ସହ ଗୋଟେପଟେ ବିଦ୍ୟୁତ ନଷ୍ଟ ହେଉଛି ଓ ଅନ୍ୟପଟେ ବିଦ୍ୟୁତ ଜଳିବାର ଦେୟ ସରକାରଙ୍କୁ ଭରଣା କରିବାକୁ ପଡୁଛି। ବିଦ୍ୟୁତ ବଞ୍ଚାଇବାକୁ ଆହ୍ୱାନ ଦିଆଯାଉଥିବାବେଳେ କିଭଳି ବିଦ୍ୟୁତର ଅପଚୟ ହେଉଛି ତାହା ନନ୍ଦନକାନନ ରାସ୍ତାରେ ନୂଆକରି ସଂଯୋଗ ଦିଆଯାଇଥିବା ଷ୍ଟ୍ରିଟ୍‌ଲାଇଟରୁ ଦେଖିବାକୁ ମିଳିଛି। ନନ୍ଦନବିହାରଠାରୁ ନନ୍ଦନକାନନ ଛକ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣର ଉଦଘାଟନ ୧୭ନଭେମ୍ବର ୨୦୧୮ରେ ତତ୍କାଳୀନ ଜଙ୍ଗଲ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କରିଥିଲେ। ବିଡିଏ ଓ ନନ୍ଦନକାନନର ସହଭାଗିତାରେ ଏହି ଷ୍ଟ୍ରିଟଲାଇଟ ଲଗାଯାଇଥିଲା। ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ବିଶେଷଭାବେ ସାହାଯ୍ୟ କରିବ ବୋଲି କୁହାଯାଇଥିଲା। କିନ୍ତୁ ଫନୀ ପରଠାରୁ ସବୁକିଛି ଓଲଟିଯାଇଥିଲା। କେତେକ ଷ୍ଟ୍ରିଟଲାଇଟ ଅଚଳ ହୋଇଥିବାବେଳେ କେତେବେଳେ ଜଳୁଛି ଓ ଲିଭୁଛି ତାହାର ହିସାବ ନାହିଁ। ରାତିରେ ଜଳିବା ସହ ଦିନତମାମ ସେଭଳି ଜଳିରହୁଛି। ଏପରିକି ରବିବାର ସକାଳ ୧୨ଟା ପର୍ଯ୍ୟନ୍ତ ଏହି ଷ୍ଟ୍ରିଟଲାଇଟ ଜଳୁଥିବାର ଦେଖିବାକୁ ମିଳିଥିଲା।

■ ଅଖିଳ ଭାରତ ଯୁବସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମ୍ମେଳନ

# ଶିକ୍ଷା ଅଧିକାରକୁ ଖର୍ବ କରିବ ଜାତୀୟ ଶିକ୍ଷାନୀତି




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

ନରେନ୍ଦ୍ର ମୋଦି ସରକାର ଦ୍ୱିତୀୟ ଥର କ୍ଷମତାକୁ ଆସିବା ମାତ୍ରେ ସାର୍ବଜନୀନ ଶିକ୍ଷାକୁ ସଙ୍କୁଚିତ କରିଛନ୍ତି। ବହୁଜାତିକ ଶିକ୍ଷା ବ୍ୟବସାୟୀମାନଙ୍କ ଲାଭ ପାଇଁ ଯେଉଁ ଚିଠା ଜାତୀୟ ଶିକ୍ଷାନୀତି ପ୍ରକାଶ କରିଛନ୍ତି, ସେଥିରେ ପ୍ରାକ୍ ବିଦ୍ୟାଳୟ ସ୍ତରରୁ ଯୁକ୍ତ ଦୁଇ ସ୍ତର ପର୍ଯ୍ୟନ୍ତ ଅଧ୍ୟୟନ ଉପରେ ପ୍ରଭାବ ପକାଇବ। ଏହି ଶିକ୍ଷାନୀତିରେ ଆଦିବାସୀ, ଦଳିତ, ପଛୁଆ ଓ ସଂଖ୍ୟାଲଘୁମାନଙ୍କୁ ଶିକ୍ଷାରେ ଅଗ୍ରାଧିକାର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶିକ୍ଷାନୁଷ୍ଠାନର ଫଳାଫଳ କମିଲେ ଶିକ୍ଷାନୁଷ୍ଠାନ ବନ୍ଦ ଅଥବା ମିଶ୍ରଣ ବ୍ୟବସ୍ଥା 'ଶିକ୍ଷା ଏକ ମୌଳିକ ଅଧିକାର'କୁ ଖର୍ବ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅଖିଳ ଭାରତ ଯୁବସଂଘ ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ 'ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି ଓ ଦେଶର ଯୁବସମାଜ ପାଇଁ କର୍ମସଂସ୍ଥାନ ନୀତି' ସଂକ୍ରାନ୍ତ ରାଜ୍ୟସ୍ତରୀୟ ଯୁବ ସମ୍ମେଳନ ଅବସରରେ ମତ ପ୍ରକାଶ ପାଇଛି।

ରବିବାର ଲୋହିଆ ଏକାଡେମୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସଭାପତି ସଦାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏହାକୁ ପୂର୍ବତନ ରାଜ୍ୟ ସଭାପତି ଡା. ପ୍ରଶାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ରାଜ୍ୟ ସମ୍ପାଦକ ଜଗନ୍ନାଥ ପାତ୍ର, ଯୁବନେତା ତପନ କୁମାର ସିଟ୍, ଅବକାଶ ସାହୁ, କପିଳ ମହାନ୍ତି, କୃଷ୍ଣଚନ୍ଦ୍ର ରାଉଳ, କୁମାର ଜାନି, ନିହାର ରଞ୍ଜନ ଜେନା, ମହେଶ୍ୱର ଦୀପ୍, ସୁଜିତ୍ ବେହେରା, ବିକାଶ ନାୟକ, ହୃଦାନନ୍ଦ ପ୍ରଧାନ, ଯୁବରାଜ ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଜର ମତ ରଖିଥିଲେ। ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ପୂର୍ବତନ ଏଆଇଏସ୍‌ଏଫ୍ ଜାତୀୟ ସମ୍ପାଦକ ଜୟନ୍ତ ଦାସ, ବିଶ୍ଳେଷଣାତ୍ମକ ସନ୍ଦର୍ଭ ଏବଂ ଏଆଇୱାଇଏଫ୍‌ର ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ ବିବରଣୀ ଉପସ୍ଥାପନ କରିଥିଲେ।

## ଚନ୍ଦ୍ରଗ୍ରହଣ ଲାଗି ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୧୪।୭ (ଡି.ଏନ.ଏ.)

ଆସନ୍ତା ମଙ୍ଗଳବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦ୍ରଗ୍ରହଣ ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଏହି କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ଦୈନନ୍ଦିନ ନୀତି ସକାଳ ସାଢେ ୬ ସୁଦ୍ଧା ମଙ୍ଗଳା ଆଳତି କରାଯିବ। ସକାଳ ସାଢେ ୬ରୁ ସାଢେ ୯ଟା ମଧ୍ୟରେ ସର୍ବସାଧାରଣଙ୍କ ପାଇଁ ସାହାଣମେଳା ଦର୍ଶନ ବଳବତ୍ତର ରହିବ। ସାଢେ ୯ଟାରୁ ୧୦ଟା ସୁଦ୍ଧା ମନ୍ଦିର ଗର୍ଭଗୃହ ସଫେଇ ପରେ ମହାସ୍ନାନ କରାଯିବ। ଅପରାହ୍ନ ସାଢେ ୪ଟା ସୁଦ୍ଧା ଶ୍ରୀଜୀଉ ଓ ଠାକୁରାଣୀଙ୍କ ସନ୍ଧ୍ୟାଧୂପ ଶେଷ ହେବ। ଅପରାହ୍ନ ସାଢେ ୪ଟା ସୁଦ୍ଧା ସମସ୍ତ ଦେବ ନୀତି ବନ୍ଦ ରହିବ। ରାତି ୩ଟା ଶ୍ରୀଜୀଉଙ୍କ ଗ୍ରହଣ ସ୍ନାନ ପାଇଁ ବିନ୍ଦୁସାଗରକୁ ଯାତ୍ରା, ରାତି ୪ଟା ୧୫ ମିନିଟ୍ ଗ୍ରହଣ ଭୋଗ ସମ୍ପାଦନ ହେବ। ଭୋର ୪ଟା ୪୫ମିନିଟ୍ ମଧ୍ୟରେ ମାଘସ୍ନାନ କରାଯାଇ ଧୋପଖାଳ ଓ ରୋଷହୋମ ଶେଷ, ଭୋର ସାଢେ ୫ଟା ସୁଦ୍ଧା ଶ୍ରୀଜୀଉଙ୍କ ବଡସିଂହାର ନୀତି ଶେଷ କରାଯିବ ବୋଲି ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୧୫ ନିଶା ବେପାରୀ ଗିରଫ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

■ ୨୦ ବ୍ରାଉନସୁଗାର ପୁଡ଼ିଆ ଜବତ

■ ଗ୍ରାହକ ସାଜି ସାଦା ପୋଷାକରେ ଧରିଲା ପୋଲିସ

ନିଜ ଥାନା ଅଞ୍ଚଳରେ ନିଶା ବେପାରୀଙ୍କୁ ପରୋକ୍ଷରେ ସହଯୋଗ କରୁଥିଲା ପୋଲିସ। ହେଲେ ପୋଲିସ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଧରିବାକୁ ବାଧ ହେଲା। ରବିବାର ଅପରାହ୍ନରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୫ ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୪ଜଣଙ୍କୁ ନିଶା ଖାଉଥିବା ଅବସ୍ଥାରେ ପୋଲିସ ଉଠାଇ ଆଣିଛି। ସେମାନଙ୍କଠାରୁ ପ୍ରାୟ ୨୦ଟି ବ୍ରାଉନ ସୁଗାରପୁଡିଆ ଜବତ କରାଯାଇଛି। ସୋମବାର ଏମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଧରାପଡିଥିବା ନିଶା ବେପାରୀଙ୍କ ମଧ୍ୟରେ ଗୌତମ, ଦୀପକ ଓ ମନୋଜ ରହିଥିବା ସୂଚନା ମିଳିଛି। ପୋଲିସ ଏହି ଗ୍ୟାଙ୍ଗ୍‌କୁ ଧରିବା ପାଇଁ ଜାଲ ବିଛାଇଥିଲା। ପୋଲିସ ଜଣେ ଛାତ୍ରଙ୍କଠାରୁ ନିଶାବେପାରୀଙ୍କ ଫୋନ୍ ନମ୍ବର ଆଣି ତାଙ୍କୁ କଲ୍ କରି ବ୍ରାଉନସୁଗାର ମଗାଇଥିଲେ। ସେ ଫୋନ୍ ପାଇବା ପରେ ପୋଲିସ କହିଥିବା ସ୍ଥାନରେ ପହଞ୍ଚିଥିଲେ। ସାଧା ପୋଷାକରେ ପୂର୍ବରୁ ପ୍ରସ୍ତୁତ ଥିବା ପୋଲିସ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ଅନ୍ୟ ବେପାରୀଙ୍କ ବିଷୟରେ କହିଥିଲେ। ସେହି ଅନୁଯାୟୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।

ଏହି ନିଶା ବେପାରୀମାନେ ବାଲେଶ୍ୱରରୁ ରାଜଧାନୀକୁ ବ୍ରାଉନସୁଗାର ଆଣିଥିଲେ। ପୋଲିସ ନଜରରୁ ବଞ୍ଚିବା ପାଇଁ ସେମାନେ ବାଇକରେ ସ୍ୱତନ୍ତ୍ର ଏକ ହୋଲ୍ କରିଥିଲେ। ଯେଉଁଥିରେ ବ୍ରାଉନ ସୁଗାରକୁ ଲୁଚାଇ ରଖୁଥିଲେ। ପୋଲିସ ଯାଞ୍ଚ କଲେ ମଧ ପାଇପାରୁ ନ ଥିଲା। ଯାହାଦ୍ୱାରା ସେମାନେ ସହରର ବିଭିନ୍ନ ବସ୍ତିରେ ବ୍ରାଉନ ସୁଗାର ବ୍ୟବସାୟ କରୁଥିଲେ। ଥାନାର ତଳିଆ କର୍ମଚାରୀ ମଧ ସେମାନଙ୍କଠାରୁ ମାସିକ ବଟି ନେଉଥିଲେ। ଏହି ବେପାରୀମାନେ କଲେଜ ଛାତ୍ରମାନଙ୍କୁ ସାମିଲ କରି ବ୍ରାଉନ ସୁଗାର ବେପାର କରୁଥିଲେ। ଏପରି କି ହୋମ୍ ଡେଲିଭେରି ମଧ କରୁଥିଲେ।

# ମୌସୁମୀ ସାହିତ୍ୟ ଆସର




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୪।୭(ବ୍ୟୁରୋ)

କୋଣାର୍କ ଓଡ଼ିଶା ପରିବାର ଆନୁକୂଲ୍ୟରେ 'ମୌସୁମୀ ସାହିତ୍ୟ ଆସର' ରବିବାର ସ୍ଥାନୀୟ ଭାରତ ସ୍କାଉଟ୍ ଓ ଗାଇଡ୍ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି କପିଳେଶ୍ୱର ଖମାରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ହରପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଶରତ ଦାଶ, ବିଶ୍ୱଜିତ ସୂର୍ଯ୍ୟବଂଶୀ ଏବଂ ମୁଖ୍ୟବକ୍ତା ଭାବେ ପ୍ରକାଶ ମହାପାତ୍ର ଯୋଗଦେଇ 'ସାହିତ୍ୟ ଓ ଜୀବନ' ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ଦୁଇଟି ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଦିଲୀପ ଶ୍ରୀଚନ୍ଦନ, ପ୍ରଦୀପ ବିଶ୍ୱାଳ, ଧନଞ୍ଜୟ ସ୍ୱାଇଁ, ଦୁର୍ଗାମାଧବ ପଣ୍ଡା ଯୋଗଦେଇଥିବାବେଳେ ସଂଯୋଜନା କରିଥିଲେ ସର୍ବଣୀ ଦାସ, ବେଦପ୍ରକାଶ ନାୟକ, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ। ଏହି ଆସରରେ ବସନ୍ତ ଦାସ, ମିନତୀ ମିଶ୍ର ସଭାପତିତ୍ୱ କରିଥିଲେ। ବିଭିନ୍ନ ଜିଲାରୁ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଶେଖର ଦାସ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ ଜୟସିଂ, ସୁଭଦ୍ରା ନାୟକ, ସୁନୀଲ ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ସ୍ମୃତିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

■ ୫୨ତମ ସଂଗ୍ରହାଳୟ ପଦଯାତ୍ରା

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ସମ୍ବଲପୁରୀ ଶାଢ଼ି ପ୍ରଦର୍ଶନୀ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

୫୨ତମ ସଂଗ୍ରହାଳୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। କଳାଭୂମିରେ ଆୟୋଜିତ ଏହି ପଦଯାତ୍ରାରେ ୧୭ଜଣ ପର୍ଯ୍ୟଟକ ସାମିଲ ହୋଇଥିବା ବେଳେ ସମ୍ବଲପୁରୀ ଶାଢ଼ି ପ୍ରଦର୍ଶନୀ ସେମାନଙ୍କୁ ଅଧିକ ଆକୃଷ୍ଟ କରିଥିଲା। ପର୍ଯ୍ୟଟକମାନେ ଶାଢ଼ି ପ୍ରଦର୍ଶନୀ ବୁଲି ସମ୍ବଲପୁରୀ ଶାଢ଼ିର ପ୍ରସ୍ତୁତି ଓ ହସ୍ତକଳା ବିଷୟରେ ଜାଣିବାକୁ ପାଇଥିଲେ। ସେମାନେ ସଂଗ୍ରହାଳୟ ବୁଲି ଦେଖିବା ସହ ଓଡ଼ିଶା ଜନଜାତି ହସ୍ତଶିଳ୍ପ ଓ ହସ୍ତକଳା ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ ପର୍ଯ୍ୟଟକମାନେ କଞ୍ଚାମାଟିରୁ ଚା ପାତ୍ର, ଗିନା ଓ ଅନ୍ୟ ସାମଗ୍ରୀ ତିଆରି କରିବା ଶିଖିଥିଲେ। ଏଥିସହ କିଛି ପୁରୁଣା ଶାସ୍ତ୍ରୀୟ ସଙ୍ଗୀତର ମଜା ନେଇଥିଲେ। ଏହି ପଦଯାତ୍ରାରେ ସାମିଲ ଥିବା ସମ୍ବଲପୁରର ଯାଁଳା ଭଉଣୀ ଭାଇ ଶ୍ରୋତା ଓ ଶ୍ରବଣ କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ଆମ କଳା ଓ ସଂସ୍କୃତି ଶୋଭା ପାଉଛି ଦେଖି ଖୁସି ଲାଗିଲା। ଯେଉଁ ଶାଢ଼ିର ପ୍ରସ୍ତୁତି ଓ ବ୍ୟବହାର ଆମେ ଛୋଟବେଳୁ ଦେଖି ଆସିଛୁ, ତା'ର ପ୍ରଚାର ପ୍ରସାର ଏଠାରେ ହେଉଛି ବୋଲି ଜାଣି ଖୁସି ହେଲୁ। ସୂଚନାଯୋଗ୍ୟ, ଭୁବନେଶ୍ୱର ତଥା ଓଡ଼ିଶା ଇତିହାସରେ ଲୁଚି ରହିଥିବା କାହାଣୀଗୁଡ଼ିକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହି ପଦଯାତ୍ରା ଆୟୋଜନ ହେଉଛି। ପଦଯାତ୍ରାକୁ ମୋଟ ୩ଟି ଭାଗରେ ବିଭକ୍ତ କରାଯାଇଛି। ସେଗୁଡିକ ହେଲା, ଖଣ୍ଡଗିରି–ଉଦୟଗିରି ପାହାଡ଼ରେ ହେରିଟେଜ୍ ଟ୍ରେଲ, ପୁରୁଣା ଭୁବନେଶ୍ୱରରେ ହେରିଟେଜ୍ ୱାକ ଓ କଳାଭୂମିରେ ମ୍ୟୁଜିୟମ ୱାକ୍।



ଶାଢ଼ି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ପର୍ଯ୍ୟଟକ ଓ ଅନ୍ୟମାନେ।

### ପୁଣି ଥରେ ଇକୋଫ୍ରେଣ୍ଡ୍‌ଲି ଐତିହ୍ୟ ପଦଯାତ୍ରା

ରବିବାର ୧୭ଜଣ ପର୍ଯ୍ୟଟକଙ୍କୁ ନେଇ ଐତିହ୍ୟ ପଦଯାତ୍ରା ଆରମ୍ଭ ହୋଇଥିଲା। ସେମାନଙ୍କୁ ପୂର୍ବ ପରି ଇକୋଫ୍ରେଣ୍ଡଲି ପେପର ପେନ ଦିଆଯାଇ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ପରିବେଶ ପ୍ରଦୂଷଣ ଦୃଷ୍ଟିରୁ ଏହି ଇକୋଫ୍ରେଣ୍ଡଲି ଚିନ୍ତାଧାରାକୁ ପଦଯାତ୍ରାରେ ଆପଣାଯାଇଥିବାବେଳେ ଏହା ସେମାନଙ୍କୁ ବହୁତ ପସନ୍ଦ ଆସିଥିଲା। ସେମାନଙ୍କୁ ଜଳଖିଆରେ ଦିଆଯାଇଥିବା ଖଇ, କଦଳୀ ଓ ପଇଡ ପାଣି ମଧ ବହୁତ ପସନ୍ଦ ହୋଇଥିଲା। ଏହି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର ବୋଲି ସେମାନେ କହିଥିଲେ।

ଖଡଗପୁରରୁ ଆସିଥିବା ଶ୍ରଦ୍ଧା କହିଥିଲେ, ପୁରୁଣା ମନ୍ଦିରର କଳାକୃତି ଓ ତା' ପଛରେ ଲୁଚି ରହିଥିବା କାହାଣୀଗୁଡ଼ିକ ଜାଣିବା ଲାଗି ବହୁତ ଇଚ୍ଛା ଥିଲା। ଯାହା ଆଜି ମୋର ପୂରଣ ହେଲା। ମନ୍ଦିରଗୁଡିକରେ ବହୁତ ସ୍ଥାନ ଅଛି ଯେଉଁଠି ଫଟୋ ଉଠାଇବା ଲାଗି ଇଚ୍ଛା ହେଲା, ମୁଁ ଅଳ୍ପ କିଛି ସ୍ଥାନରେ ଫଟୋ ଉଠାଇଛି। ମୁଁ ମୋ ସାଙ୍ଗମାନଙ୍କୁ ଏହି ପଦଯାତ୍ରାରେ ଯୋଗଦେବା ଲାଗି ନିଶ୍ଚୟ କହିବି।



ନିଜର ଉନ୍ନତିରେ ସନ୍ତୁଷ୍ଟ ନ ହୋଇ ସମୂହ ଉନ୍ନତି ପାଇଁ ଚେଷ୍ଟା କର। ଏହାଦ୍ୱାରା ନିଜର ଉନ୍ନତି ଆପେ ଆପେ ହୋଇଯିବ।

- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ପକାକୁ ନେଇ ମାରପିଟ, ଜଣେ ଅଟକ

**ନିଶ୍ଚିନ୍ତକୋଇଲି,୧୪।୭(ସ୍ୱ.ପ୍ର.):** ବିଦ୍ୟୁତ୍ ଖୁଣ୍ଟ ପକାକୁ ନେଇ ରବିବାର ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ଗ୍ରାମରେ ମାର୍‌ପିଟ୍ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଅସୁରେଶ୍ୱର ବିଦ୍ୟୁତ୍ ସେକ୍ସନରେ ଥିବା କେଣ୍ଟାଲ ଦାଣ୍ଡଯାତ୍ରା ପଡ଼ିଆରେ ଏକ ୩୩ କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ନିର୍ମାଣ କରାଯାଇଛି। ଏହି ଷ୍ଟ୍ରକଚରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଅସୁରେଶ୍ୱର ଗ୍ରାମଠାରେ ଖୁଣ୍ଟ ପକାଯାଉଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ବିରୋଧ କରିଥିଲେ। ଏପରି କି ଖୁଣ୍ଟ ପକାଇବାକୁ ଆସିଥିବା ଟ୍ରାକ୍ଟର ଓ ଗାତଖୋଳା ମେଶିନକୁ ଭଙ୍ଗାରୁଜା କରିବା ସହ ଟ୍ରାକ୍ଟର ଚାଳକ କିଶୋର ସ୍ୱାଇଁଙ୍କୁ ଆକ୍ରମଣ କରିଥିଲେ। ଏ ନେଇ କିଶୋର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭେନ୍ଦୁ ପରିଡ଼ା କହିଛନ୍ତି, ଅଭିଯୋଗ ଅନୁସାରେ ତଦନ୍ତ କରାଯାଇ ଜଣଙ୍କୁ ଅଟକ ରଖାଯାଇଛି। ଏହାର ଆପୋସ ସମାଧାନ ପାଇଁ ଉଦ୍ୟମ ଚାଲିଥିବାରୁ ମାମଲା ରୁଜୁ ହୋଇନାହିଁ। ସମାଧାନ ହୋଇ ନ ପାରିଲେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମୁଖ୍ୟଯନ୍ତ୍ରୀଙ୍କ ମାଛଗାଁ କେନାଲ ପରିଦର୍ଶନ କଳିକତି ଦଳ ସଫା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

**କଟକ ସଦର,୧୪।୭(ଡି.ଏନ୍.ଏ.):** ଖରିଫ ଋତୁରେ ମାଛଗାଁ କେନାଲର ଜଳସେଚନ ବ୍ୟବସ୍ଥା ଯାଞ୍ଚ କରିବା ଲାଗି ରବିବାର ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଯୁଗଳ କିଶୋର ତ୍ରିପାଠୀ ବିରିବାଟୀ ପରିଦର୍ଶନରେ ଆସିଥିଲେ। ଜୁଲାଇ ମାସ ମଧ୍ୟ ଭାଗରେ ଉକ୍ତ କେନାଲରୁ କଳିକତି ଦଳ ସଫା ହୋଇ ନ ଥିବା ସେ ଦେଖିଥିଲେ। ଘୋଳ-ପୋଖରୀ ପୋଲ ନିକଟରେ କେନାଲରେ ଜମାଟ ବାନ୍ଧିଥିବା ଦଳକୁ ଶୀଘ୍ର ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ସପ୍ତାହରେ ଦଳ ସଫା କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଦରକାର ମୁତାବକ ୧୨୦୦ କ୍ୟୁସେକ୍ ଜଳ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଶାଖା କେନାଲଗୁଡ଼ିକର ସଫେଇ କାମ ଶେଷ କରିବାକୁ ଜଗତ୍‌ସିଂହପୁର ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ଉମାକାନ୍ତ ମହାନ୍ତିଙ୍କ ସହ କେନାଲ ସଫେଇ କରାଯାଉଛି ବୋଲି ବିଲୁଆଖାଇ ଜଳସେଚନ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ କହିଥିଲେ। କଟକ ଜିଲାରେ ଥିବା ମାଛଗାଁ କେନାଲର ୭ କିମି ଅଂଶ ସହ ବିଭାଗୀୟ ରାସ୍ତାର ଯତ୍ନ ପାଇଁ ଯନ୍ତ୍ରୀମାନେ ସେତେଟା ତତ୍ପରତା ପ୍ରକାଶ କରୁ ନ ଥିବା କଥା ସ୍ଥାନୀୟ ଲୋକମାନେ ମୁଖ୍ୟଯନ୍ତ୍ରୀ ତ୍ରିପାଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ପରିଦର୍ଶନ ବେଳେ ଇଷ୍ଟର୍ଣ୍ଣ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ ଉପସ୍ଥିତ ଥିଲେ।

### ଅଭୀପ୍‌ସା ପକ୍ଷରୁ ବନ ମହୋତ୍ସବ

**କଟକ ଅଫିସ,୧୪।୭:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭୀପ୍‌ସା ପକ୍ଷରୁ ରବିବାର ବାଦାମବାଡିସ୍ଥିତ ଶ୍ରମିକ ହାଇସ୍କୁଲ ପରିସରରେ ବନ ମହୋତ୍ସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇ କହିଥିଲେ, ପରିବେଶର ସୁରକ୍ଷା ତଥା ବିଶ୍ୱତାପାୟନକୁ ସନ୍ତୁଳନ ରଖିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବା ଆବଶ୍ୟକ। କବି ବିଶ୍ୱନାଥ କର, ଶିକ୍ଷୟିତ୍ରୀ ମନିଷା ରାୟ, ଇଂ. ସୁଶାନ୍ତ ବଳ, ବେବିନା ସେଠୀ, ଗୁନ ଚରଣ ନାୟକ, ମୀରା ବେଉରାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଣବ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଫନୀ ସହାୟତା ସମୁଦ୍ରକୁ ଶଙ୍ଖେ

**ନିଶ୍ଚିନ୍ତକୋଇଲି,୧୪।୭(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ କଟକ ଜିଲାରେ ବ୍ୟାପକ କ୍ଷତି ଘଟିଥିଲା। ଜିଲା ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସ୍ଥିତି ସଙ୍ଗୀନ ହୋଇଥିଲା। ଏପରି କି ଏକ ସପ୍ତାହ ଧରି ଗମନାଗମନ ବ୍ୟବସ୍ଥା ଠପ୍ ହୋଇ ଯାଇଥିଲା। ବ୍ଲକର ୨୨୧ ରାଜସ୍ୱ ଗ୍ରାମରେ ଥିବା ୫୯୦ ୱାର୍ଡର ୨ଲକ୍ଷ ୧୨ ହଜାର ୫୫୬ଲୋକ ପ୍ରଭାବିତ ହୋଇଥିଲେ। ଅନେକ ରାସ୍ତାଘାଟ, ବିଦ୍ୟାଳୟ, ମହାବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳ ଆଦି ଭାଙ୍ଗି ନଷ୍ଟ ହୋଇଥିଲା। ବାତ୍ୟା ପରବର୍ତ୍ତୀ ସମୟରେ ସରକାର କ୍ଷୟକ୍ଷତି ଆକଳନ କରି ବିଭିନ୍ନ ବ୍ଲକକୁ ପୁନରୁଦ୍ଧାର ପାଇଁ ସହାୟତା ଦେଇଛନ୍ତି। ଏହି ବ୍ଲକରେ ୧୩ କୋଟି ୭୬ ଲକ୍ଷ ଟଙ୍କାର କ୍ଷତି ଘଟିଥିବା ଆକଳନ କରାଯାଇଥିଲା। ହେଲେ ସରକାର ମାତ୍ର ୨କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେପରି ମନେ ହେଉଛି। ସେ ପୁଣି କେବଳ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି ଗୃହ ଓ ପଞ୍ଚାୟତ ଗୃହ ସମେତ ବାତ୍ୟା ଆଶ୍ରୟସ୍ଥଳ ମରାମତି ପାଇଁ ବୋଲି କୁହାଯାଇଛି।



ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ପାଚେରି ଭୁଶୁଡ଼ି ପଡ଼ିଛି।

**ନିଶ୍ଚିନ୍ତକୋଇଲି ବ୍ଲକ**

- ନିଶ୍ଚିନ୍ତକୋଇଲି ପଞ୍ଚାୟତକୁ ଅଣଦେଖା
- ସାଧାରଣରେ ବଢୁଛି ଅସନ୍ତୋଷ
- ପର୍ଯ୍ୟଟନ କ୍ଷେତ୍ରକୁ ଦୃଷ୍ଟି ଦିଆଯାଉନି

ବାତ୍ୟା ପ୍ରଭାବରେ ଅନେକ କ୍ଷେତ୍ରରେ କ୍ଷତି ଘଟିଥିଲେ ମଧ୍ୟ ସରକାର କେବେଳ ଏହି କେତୋଟି ବିଭାଗ ଉପରେ ଗୁରୁତ୍ୱ ଦେଇଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ ବି ସରକାର ସେଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ବ୍ୟୟ ମଞ୍ଜୁର ହୋଇଥିବା ଅର୍ଥରେ ୮୫ ବିଦ୍ୟାଳୟ, ୧୫ ଅଙ୍ଗନୱାଡି କେନ୍ଦ୍ର ଓ ୨୨ ବାତ୍ୟା ଆଶ୍ରୟସ୍ଥଳ ସମେତ ପଞ୍ଚାୟତ କାର୍ଯ୍ୟାଳୟ ମରାମତି କରାଯିବ। ଅନ୍ୟ ଏକ ପ୍ରସଙ୍ଗ ହେଲା କ୍ଷତିଗ୍ରସ୍ତ ପ୍ରକଳ୍ପ ତାଲିକାରେ ବ୍ଲକର ୪୧ ପଞ୍ଚାୟତ ମଧ୍ୟରୁ ୪୦ ପଞ୍ଚାୟତରେ ପ୍ରକଳ୍ପ ଅନୁମୋଦନ ମିଳିଥିବା ବେଳେ ନିଶ୍ଚିନ୍ତକୋଇଲି ପଞ୍ଚାୟତକୁ କୌଣସି ପ୍ରକଳ୍ପ ଅନୁମୋଦନ ମିଳିପାରିନାହିଁ। ପଞ୍ଚାୟତର ଓଥକା ପ୍ରାଥମିକ ବିଦ୍ୟାଳୟ, ନିଶ୍ଚିନ୍ତକୋଇଲି ପ୍ରାଥମିକ ବିଦ୍ୟାଳୟ ପ୍ରଭାବିତ ହୋଇଥିଲେ ହେଁ ଏଥିପ୍ରତି ସରକାରଙ୍କ ଦୃଷ୍ଟି ପଡି ନ ଥିବା ସ୍ପଷ୍ଟ ଅନୁମେୟ ହେଉଛି। ତେବେ ନିର୍ଦ୍ଦିଷ୍ଟ କେତୋଟି ପଞ୍ଚାୟତରେ ଏକାଧିକ ପ୍ରକଳ୍ପ ଅନୁମୋଦନ ହୋଇଥିଲେ ହେଁ ଏହି ପଞ୍ଚାୟତକୁ କାହିଁକି ଅଣଦେଖା କରାଗଲା ତା'କୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ବ୍ଲକକୁ ମିଳିଥିବା ସହାୟତା ରାଶି ସମ୍ପର୍କରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରାଥମିକ ଅବସ୍ଥାରେ ସରକାର ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଉପରେ ଗୁରୁତ୍ୱ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ପ୍ରକଳ୍ପ ଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ୟୟ ବରାଦ କରାଯିବ ବୋଲି କୁହାଯାଇଛି। ଏବେ ଦେଖିବାକୁ ଅପେକ୍ଷା କେବେ ଅନ୍ୟ ପ୍ରକଳ୍ପ ଗୁଡ଼ିକ ପାଇଁ ବ୍ୟୟ ବରାଦ କରାଯାଇ ପୁନରୁଦ୍ଧାର କରାଯାଉଛି।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ
# ୮ ଆହତ, ଜଣେ ଗିରଫ

**ଆଠଗଡ଼,୧୪।୭(ସ୍ୱ.ପ୍ର.)**

ପୂର୍ବ ଶତ୍ରୁତାରୁ ଆଠଗଡ଼ ଥାନା କୁଲାଇଲୋ ପଞ୍ଚାୟତ ଅଧୀନ ତଳଗଡ଼ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷରୁ ୮ଜଣ ଆହତ ହୋଇଥିଲେ। ଏ ନେଇ ଶନିବାର ଥାନାରେ ୩ଟି ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ- ୧୬୪,୧୬୬ ଓ ୧୬୮/୧୯ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଘଟଣାରେ ସମ୍ପୃକ୍ତ ଥିବା ଜଳଧର ପିରେଇକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ବିଚିତ୍ରାନନ୍ଦ ଲେଙ୍କା କହିଛନ୍ତି।

ସୂଚନା ଅନୁସାରେ, ତଳଗଡ଼ ଗ୍ରାମରେ କିଛିଦିନ ହେବ ୨ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ପୂର୍ବରୁ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଏସବୁ ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ତଳଗଡ଼ ଗ୍ରାମର ବିଜୟ ମହାପାତ୍ର ଓ ତାଙ୍କର ପ୍ରାୟ ୪ଜଣ ସାଙ୍ଗ ଘରକୁ ଫେରୁଥିଲେ। ଗ୍ରାମ ମୁଣ୍ଡରେ ସେହିଗ୍ରାମର ରମେଶ ପିରେଇ ଓ ୧୦/୧୨ଜଣ ଲୋକ ବିଜୟଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଶନିବାର ବିଜୟ ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ। ଅଭିଯୋଗ ଦେଇ ଫେରିବାବେଳେ ପୁଣି ତାଙ୍କୁ ଆକ୍ରମଣ ହୋଇଥିଲ। ଏହି ସମୟରେ ଗଣ୍ଡଗୋଳ ହେବାରୁ ବିଜୟ ଓ ରମେଶଙ୍କ ଗୋଷ୍ଠୀର ୮ଜଣ ଆହତ ହୋଇଥିଲେ। ପରେ ଥାନାରେ ପୁଣି ୨ଟି ମାମଲା ରୁଜୁ ହୋଇଥିଲା। ଗ୍ରାମରେ ଉତ୍ତେଜନା ବୃଦ୍ଧି ପାଇବା ଆଶଙ୍କାରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଲେଙ୍କା ସୂଚନା ଦେଇଛନ୍ତି।



ସାରସ୍ୱତ ସମାରୋହରେ ପୁରସ୍କୃତ କବୟିତ୍ରୀ, କବି ଓ ଅନ୍ୟମାନେ।

## ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ
# 'ଆନନ୍ଦମୟ ଜୀବନ ପାଇଁ ସଂସ୍କୃତି ସମ୍ପନ୍ନ ହେବା ଜରୁରୀ'

**ମାହାଙ୍ଗା,୧୪।୭(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କୋଠପଦାସ୍ଥିତ ଗଣକବି ବୈଷ୍ଣବ ପାଣି ଆଇଟିସି ପରିସରରେ ରବିବାର କବି ନାରାୟଣ ମୁଦୁଲିଙ୍କ ୫୪ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ନାରାୟଣ ମୁଦୁଲି ଫାଉଣ୍ଡେଶନ ଆନୁକୂଲ୍ୟରେ ୭ମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ସହ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ଅଧ୍ୟକ୍ଷ ପୃଥ୍ୱିରାଜ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଜେବି କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର, ମୁଖ୍ୟବକ୍ତା ଶିଶୁ ସାହିତ୍ୟିକ ପ୍ରଫେସର ଡ. ବସନ୍ତ କିଶୋର ସାହୁ, ସମ୍ମାନିତ ଅତିଥି ଅଧାପକ ଡ. ନିଖିଳେଶ ମହାନ୍ତି, ଗୀତିକାର ବିଶେଶ୍ୱର ମହାନ୍ତି, ଗୀତିକବି ବୃନ୍ଦାବନ ଜେନା ପ୍ରମୁଖ ଯୋଗଦେଇ ଜୀବନକୁ ଆନନ୍ଦମୟ କରିବା ପାଇଁ ସଂସ୍କୃତି ସମ୍ପନ୍ନ ହେବା ଜରୁରୀ। ଯାହାକୁ କବି ଓ ଲେଖକ ନିଜର ସାରସ୍ୱତ ସାଧନ ଦ୍ୱାରା ସମାଜକୁ ବାଢି ଦିଅନ୍ତି। ତେଣୁ ମଣିଷ ଭୌତିକ ସୁଖରୁ ଦୂରେଇ ନୈତିକ ସୁଖ ଉପଭୋଗ କରୁ। ଏକଥା କବିଟିଏ ସର୍ବଦା ଚାହେଁ ବୋଲି ବକ୍ତା ମତବ୍ୟକ୍ତ କରିଥିଲେ। ପରେ କବି ପ୍ରଫୁଲ୍ଲ ସିଂହଙ୍କ ଦ୍ୱାରା ରଚିତ 'ଶତାବ୍ଦୀର ବିଭିନ୍ନ କଥା କହେ କବିତା'ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ପରେ ୨୦୧୮-୧୯ ବର୍ଷ ନିମନ୍ତେ ଶ୍ରେଷ୍ଠ କବିତା ପୁସ୍ତକ ପାଇଁ ୩୦ଜଣ କବିଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେଇଥିବାବେଳେ ରତ୍ନାକର ମହାନ୍ତି ଧନ୍ୟବାଦ ଦେଇଥିଲେ। କବି ରାଜକିଶୋର ମିଶ୍ର, ଗୌତମ ଜେନା, ପ୍ରଶାନ୍ତ କର, ପ୍ରମୋଦ ଦାସ, ଡମ୍ବରୁଧର ପରିଡା, କୁଳମଣି ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ଶ୍ରୀଅରବିନ୍ଦ ପାଠଚକ୍ର, କର୍ମୀ ସମ୍ମିଳନୀ

**ସାଲେପୁର,୧୪।୭(ଡି.ଏନ.ଏ.)**

ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ କଟକ ଜିଲା ସାଲେପୁର ଜୋନ୍‌ର ପାଠଚକ୍ର ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା ପାଠଚକ୍ର ସଙ୍ଗଠକ କୈବଲ୍ୟ ଜେନାଙ୍କ ସଭାପତିତ୍ୱରେ ଅନ୍ୟତମ ଜିଲା ପାଠଚକ୍ର ସଙ୍ଗଠକ ବିପିନ ବିହାରୀ କର, ମାୟାଧର ସାହୁ, ଦୁର୍ଗାଚରଣ ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ହରିହର ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଅକ୍ଷୟ ଦାଶ ପ୍ରତିମାସରେ ପାଠଚକ୍ର କରାଯିବାକୁ ସ୍ଥିର କରାଯାଇଥିବା କହିଥିଲେ। ବିପିନ ବିହାରୀ କର ଓ ହରିହର ମଲ୍ଲିକଙ୍କୁ ସଂଗଠନ ଦାୟିତ୍ୱ ଦିଆଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ସନାତନ ବେହେରା, ସଭ୍ୟ ଅଶ୍ୱିନୀ ଦାସ, ମମତା ସାବିତ୍ରୀ କାଣ୍ତିଙ୍କ ସମେତ ବହୁ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦ ପାଠଚକ୍ର ସହ ସମ୍ପୃକ୍ତ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଅଞ୍ଚଳର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।





ସମୀକ୍ଷା ବୈଠକରେ ବିଭିନ୍ନ ଗ୍ରାମର ସାମାଜିକ କର୍ମୀ ଓ ଅନ୍ୟମାନେ।

# ସ୍ୱଚ୍ଛ ଭାରତ ସମ୍ପର୍କିତ ସମୀକ୍ଷା ବୈଠକ

**ବାଙ୍କୀ,୧୪।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ କୁସୁପଙ୍ଗି ପଞ୍ଚାୟତ ନିମ୍ବିପୁର ଇନ୍ଦୁମତୀପାଟଣା ଗ୍ରାମର ମା'ଅରାଚଣ୍ଡୀ ପୀଠରେ ରବିବାର ଚକାପଦା ଆଦର୍ଶ ଯୁବ ପରିଷଦ ପକ୍ଷରୁ ଗ୍ରୀଷ୍ମ ଅବକାଶକାଳୀନ ସ୍ୱଚ୍ଛ ଭାରତ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ସାମାଜିକ କର୍ମୀ ଯୋଗଦେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିଥିଲେ। ଆମ ପରିବାରଚକ୍ରର ପ୍ରତିଷ୍ଠାତା କୁମାର ଅମୀୟ (ବୁଲୁବାବା)ଙ୍କ ସଂଯୋଜନାରେ ବୈଠକ ହୋଇଥିଲା। ବାଆଁରା ଗ୍ରାମର ଗୌରାଙ୍ଗ ଚରଣ ରାଉତ, କଲରାଅଣ୍ଟାର ପ୍ରକାଶ ଚନ୍ଦ୍ର ପ୍ରଧାନ, ଇନ୍ଦୁମତୀପାଟଣାର ଜଗମୋହନ ରାଉତ, ନିମ୍ବିପୁରର ଜଗତ ଜୀବନ ରାଉତ, ଅରପୁରର ସୁବ୍ରତ ନାୟକ, ହରିରାଜପୁରର ପ୍ରଦୀପ ଜେନା, ଶିଶୁଆର ମନୋଜ ରାଉତ ଓ ପ୍ରକୃତିବନ୍ଧୁ ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସମାଜିକକର୍ମୀ କେଶବ ଚନ୍ଦ୍ର ବେହେରା ସମସ୍ତ ଯୁବକର୍ମୀଙ୍କୁ ସମାଜର ଗଠନମୂଳକ କାର୍ଯ୍ୟରେ ସାମିଲ୍ ହେବାପାଇଁ ଆହ୍ୱାନ ଜଣାଇଥିଲେ। ପରିଷଦ ଆବାହକ ଅକ୍ଷୟ ସାମଲଙ୍କ ପରିଚାଳନାରେ ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ, ସଡ଼କ ସୁରକ୍ଷା, ଭ୍ରୁଣ ହତ୍ୟା, ବେଟି ବଚାଓ ବେଟି ପଢ଼ାଓ, ନିଶାନିବାରଣ, ଯୋଗ, ଚାରାରୋପଣ ଆଦି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ୍ ହେବା ପାଇଁ ଆହ୍ୱାନ କରାଯାଇଥିଲା। କରୁଣାକର ପ୍ରଧାନ, ବରେନ୍ଦ୍ର ବେହେରା ଓ ରାଜେଶ ନନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ଜଳିଗଲା ଦୁଇ ବଖରା

**ମାହାଙ୍ଗା,୧୪।୭(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ବରାହିପୁର ପଞ୍ଚାୟତ ଅଧୀନ ବରାହିପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କ ୨ ବଖରା ଘର ସମେତ ଏକ ବାଇକ ଓ ଅନ୍ୟ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କୁଆଁପାଳ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ସବୁକିଛି ଜଳି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ରବୀନ୍ଦ୍ରଙ୍କୁ ତୁରନ୍ତ ସରାକରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌କୁ ନେଇ ଚଳଚଞ୍ଚଳ କଟକ
# ସହରରେ ଲାଗିଛି ୨୫ରୁ ଊର୍ଦ୍ଧ୍ୱ ହୋର୍ଡିଂ

**କଟକ ଅଫିସ,୧୪।୭:** ଆସନ୍ତା ୧୭ରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌କୁ ନେଇ ଚଳଚଞ୍ଚଳ ହୋଇପଡିଛି କଟକ ସହର। ସହରକୁ ସୁନ୍ଦର କରିବା ନିମନ୍ତେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଉଦ୍ୟମ କରାଯାଇଛି। ସହରର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ଅଞ୍ଚଳରେ ଥିବା କାନ୍ଥକୁ ଚିତ୍ରଣ କରାଯାଇଛି। ଓଡ଼ିଶାର ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ ସ୍ଥଳି, ସମାଜରେ ପ୍ରତିଷ୍ଠିତ ନାରୀ, ଓଡ଼ିଶାର ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଖେଳାଳୀଙ୍କ ସମେତ ଟେବୁଲ ଟେନିସରେ ପ୍ରସିଦ୍ଧ ଲାଭ କରିଥିବା ଖେଳାଳିଙ୍କ ଚିତ୍ରକୁ ଉକ୍ତ କାନ୍ଥରେ ଚିତ୍ରଣ କରାଯାଇଛି। ଏଥିସହ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଓ ସିଏମ୍‌ସି ପରିସରରେ ଥିବା ପର୍ଯ୍ୟଟନସ୍ଥଳୀକୁ ସିଏମ୍‌ସି ପକ୍ଷରୁ ସଫେଇ କରାଯାଉଛି। ଏହି କ୍ରୀଡାକୁ ଲୋକଲୋଚନକୁ ଆଣିବା ନିମନ୍ତେ ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ହୋର୍ଡିଂ ଲଗାଯାଇଥିବା ସିଏମ୍‌ସି କମିଶନର ଅନନ୍ୟା ଦାଶ କହିଛନ୍ତି।



ଅଭିରାମ ପରମହଂସ ଆଶ୍ରମ ପରିସରରେ ଅତିଥି ଚାରା ରୋପଣ କରୁଛନ୍ତି।

## ଅଭିରାମ ପରମହଂସ ଆଶ୍ରମରେ ଚାରାରୋପଣ

**ନରାଜ, ୧୪।୭ (ଡି.ଏନ୍.ଏ)**

ଡିବିଏସଏସ ଓ ରୋଟାରୀ କ୍ଲବର ମିଳିତ ଆନୁକୁଲ୍ୟରେ ସିଡିଏ ସେକ୍ଟର-୭ କାଠଯୋଡି ବିହାରସ୍ଥିତ ଅଭିରାମ ପରମହଂସ ଆଶ୍ରମରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ କୁମାରୀ ଲାଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଭିନେତା ସବ୍ୟସାଚୀ ମହାପାତ୍ର ମୁଖ୍ୟଅତିଥି, ଦେବୀପ୍ରସାଦ ମଲ୍ଲିକ, ପୂଜା ଭରଲାୱାଲା, ବି.ଡି. ଦାସ, ଦୀପକ ମହାନ୍ତି, ଚପଳା ପଟ୍ଟନାୟକ ଓ ନଳିନୀପ୍ରଭା ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଶ୍ୱରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସାମାଜିକ କର୍ମୀ ବିମଳା ରଣା ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ୟଠାରୁ ବହୁ ଦୂରରେ ଗାଁ କଲ୍ୟାଣ ସମିତି
# ସ୍ୱାସ୍ଥ୍ୟ ସଚେତନତାକୁ ଅଣଦେଖା

**ରଘୁନାଥପୁର, ୧୪।୭ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା ତଥା ସୁସ୍ଥ ପରିବେଶ ସୃଷ୍ଟି ପାଇଁ ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ତେବେ ପ୍ରକୃତ ଉଦ୍ଦେଶ୍ୟ ସାଧନଠାରୁ ଯଥେଷ୍ଟ ଦୂରରେ ରହିଯାଇଛି ଏହି ସମିତି। ସ୍ୱାସ୍ଥ୍ୟଭିତ୍ତିକ ସଚେତନତାକୁ ଅଣଦେଖା କରାଯାଇ କେବଳ କାଗଜପତ୍ରରେ ପ୍ରସ୍ତୁତ କରାଯାଉଛି ମାସିକ ବୈଠକର ବିବରଣୀ। ଫଳରେ ସରକାରୀ ଅର୍ଥ ଏକ ପ୍ରକାର ଚଳୁ ହେଉଥିବା ଅଭିଯୋଗ ହେଉଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦୧ଟି ଗାଁ କଲ୍ୟାଣ ସମିତି କ୍ଷେତ୍ରରେ।

ସୂଚନାଯୋଗ୍ୟ, ଗାଁ କଲ୍ୟାଣ ସମିତିରେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୧୦ ରୁ ୩୦ ପର୍ଯ୍ୟନ୍ତ ମେମ୍ବର ରହିବାର ନିୟମ ରହିଛି। ଏଥିରେ ସମ୍ପୃକ୍ତ ଗ୍ରାମର ଜଣେ ୱାର୍ଡସଭ୍ୟ ମାସିକ ବୈଠକରେ ସଭାପତିତ୍ୱ କରିବାକୁ ନିୟମ ରହିଛି। ଅଙ୍ଗନୱାଡି କର୍ମୀ ଏହାର ଆବାହିକା ଭାବେ ରହି କାଗଜପତ୍ର ପ୍ରସ୍ତୁତ କରିବେ। ଆଶା କର୍ମୀ ଫାସିଲଟେଟର ଭାବେ ରହି କାର୍ଯ୍ୟ ତୁଲାଇବେ। ଏଥିପାଇଁ ପ୍ରୋତ୍ସାହନ ସ୍ୱରୂପ ପ୍ରତି ମାସରେ ସଭାପତିଙ୍କ ପାଇଁ ୫୦ ଟଙ୍କା, ଅଙ୍ଗନୱାଡି କର୍ମୀଙ୍କ ପାଇଁ ୧୦୦ ଟଙ୍କା ଏବଂ ଆଶାଙ୍କ ପାଇଁ ୧୫୦ ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ବୈଠକରେ ଚୟନ କରାଯାଇଥିବା ସଭ୍ୟାସଭ୍ୟଙ୍କୁ ନେଇ ନିଜ ଗାଁରେ ସ୍ୱାସ୍ଥ୍ୟଭିତ୍ତିକ ସଚେତନତା, ସୁସ୍ଥ ପରିବେଶ ଓ ଗ୍ରାମର ଯେକୌଣସି ସ୍ଥାନରେ ଅପରିଷ୍କାର ସ୍ଥାନକୁ ସଫାସୁତରା କରାଯିବା ନିମନ୍ତେ ଆଲୋଚନା କରାଯାଇଥାଏ। ଏହାଛଡା ବର୍ଷାଦିନେ ଦେଖାଦେଉଥିବା ଜଳବାହକ ରୋଗ, ଡେଙ୍ଗୁ, ମ୍ୟାଲେରିଆର ପ୍ରଭାବ ଏବଂ ପରିମଳ ଓ ପାନୀୟ ଜଳ ସମ୍ପର୍କିତ ସମସ୍ୟା ସମ୍ପର୍କରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି। ତେବେ ହାତଗଣତି କେତେକ ଗ୍ରାମକୁ ଛାଡି ଦେଲେ ବାକି ସବୁଠାରେ ଉକ୍ତ କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହୁଥିବା ଦେଖାଯାଇଛି। ଆବାହିକାଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ ଚିଠାକୁ ଘରେ ଘରେ ବୁଲାଇ ସଭ୍ୟାସଭ୍ୟଙ୍କଠାରୁ ଦସ୍ତଖତ କରି ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯାଇଛି। ଏ ସମ୍ପର୍କିତ ତଥ୍ୟ ବିପିଓ ପ୍ରଭାସ ଚନ୍ଦ୍ର ତ୍ରିପାଠୀଙ୍କ ହସ୍ତଗତ ହୋଇଥିବା ଏବଂ ବିଭିନ୍ନ ଗ୍ରାମକୁ ଯାଇ ତଦାରଖ କରାଯାଉଥିବା ସେ କହିଛନ୍ତି। ସେହିପରି ମେଡିକାଲ ଅଫିସର ଡା. ସୁକାନ୍ତ କୁମାର ଦଳାଇ ପରୋକ୍ଷରେ କିଛି ମାତ୍ରାରେ ବ୍ୟତିକ୍ରମ ହେଉଥିବା ଏବଂ ସାଧାରଣ ଜନତା ଏଥିପ୍ରତି ଧ୍ୟାନ ଦେଲେ ସମସ୍ୟା ଅନେକ ମାତ୍ରାରେ ସମାଧାନ ହୋଇପାରିବ ବୋଲି କହିଛନ୍ତି। ଡା. ପ୍ରଭାସ କୁମାର ସ୍ୱାଇଁ ଓ ଡା. ଅୟସକାନ୍ତ ମହାନ୍ତି ଅନୁରୂପ ଭାବେ ରୋଗୀ ଦେଖା ସହ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହି ମଧ୍ୟ ଏହାକୁ ପ୍ରାଥମିକତା ଦିଆଯିବ ବୋଲି ମତ ରଖିଛନ୍ତି। ଆଗାମୀ ଦିନରେ ଯଦି ଏଥିପ୍ରତି ଧ୍ୟାନ ଦିଆ ନ ଯାଏ ତାହା ହେଲେ ସମିତି ଗଠନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ।

- କାଗଜପତ୍ରରେ ଚାଲିଛି ମାସିକ ବୈଠକ
- ଚଳୁ ହୋଇଯାଉଛି ଲକ୍ଷାଧିକ ଟଙ୍କା
- ବାସ୍ତବତା ପ୍ରତି ଧ୍ୟାନ ଦେଉନି ସ୍ୱାସ୍ଥ୍ୟବିଭାଗ



ନିଜର ଉନ୍ନତିରେ ସନ୍ତୁଷ୍ଟ ନ ହୋଇ ସମୂହ ଉନ୍ନତି ପାଇଁ ଚେଷ୍ଟା କର। ଏହାଦ୍ୱାରା ନିଜର ଉନ୍ନତି ଆପେ ଆପେ ହୋଇଯିବ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଏଟିଏମ୍‌ରୁ ବାହାରୁଛି ଚିରାଫଟା ନୋଟ୍

ରଣପୁର/ଟାଙ୍ଗୀ(ଖୋର୍ଦ୍ଧା)୧୪।୭(ସ୍ୱ.ପ୍ର./ଡି.ଏନ୍.ଏ.):ରିଜର୍ଭ ବ୍ୟାଙ୍କ ଏଣିକି ଚିରାଫଟା, କଲମରେ ଲେଖା ଯାଇଥିବା, ଜରିପଡିଥିବା ନୋଟ୍‌କୁ ବ୍ୟବହାର ଅନୁପଯୋଗୀ ବୋଲି ଘୋଷଣା କରୁଥିବାବେଳେ ଏଟିଏମ୍‌ରୁ ଏଭଳି ଟଙ୍କା ବାହାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନୟାଗଡ଼ ଜିଲା ଚାନ୍ଦପୁର ଅଞ୍ଚଳରେ ରବିବାର ଏପରି ଏକ ଘଟଣା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଚାନ୍ଦପୁର ଥାନା ଆଗରେ ଇଣ୍ଡିକ୍ୟାଶ ଏଟିଏମ୍ ରହିଛି। ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀ ଉକ୍ତ ଏଟିଏମ୍‌ରୁ ୧୧ହଜାର ଟଙ୍କା ବାହାର କରିଥିଲେ। ୨୨ଟି ୫୦୦ ଟଙ୍କିଆ ନୋଟ୍ ବାହାରିଥିଲେ ହେଁ ସେଥିରୁ କେତୋଟି ଚିରା ଥିବାବେଳେ ଆଉ କେତୋଟି ପୋଡିଥିବା, ଫାଟିଥିବା ଓ କାଗଜ ପେଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେହି ଏଟିଏମ୍‌ରୁ ଅନ୍ୟ କେତେଜଣ ଟଙ୍କା କାଢିଥିଲେ ମଧ୍ୟ ସେମାନେ ସମାନ ସମସ୍ୟାରେ ପଡିଥିଲେ। ସେଥିରୁ ବାହାରୁଥିବା ନୋଟ୍‌ଗୁଡିକ ଉପରେ ଷ୍ଟେଟବ୍ୟାଙ୍କର ଏଟିଏମ୍ ସ୍ଲିପ ଥିବା ଜଣାପଡିଛି।

### କବିତାରେ ସଡ଼କ ସୁରକ୍ଷାର ବାର୍ତ୍ତା

ଖୋର୍ଦ୍ଧା ଅଫିସ,୧୪।୭: ସଡକ ସୁରକ୍ଷା ଉପରେ ସଚେତନତା କରିବା ଉଦ୍ଦେଶ୍ୟରେ ଠଣାପଲ୍ଲି ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବଂଶୀଧର ପଣ୍ଡା, ଗଙ୍ଗାଧର ଓଝା, ସୁମତି ଦେଈ, ଅନ୍ତର୍ଯ୍ୟାମୀ ଜେନା, ରବିନାରାୟଣ ମଙ୍ଗରାଜ, ପରମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ପ୍ରଦୀପ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧଳାପଥର ଫାଣ୍ଡି ଅଧିକାରୀ ଅଶୋକ ରଥ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ରଣପୁର କଲେଜର ଅଧ୍ୟାପକ ସୋମନାଥ ବିଶୋଇ ଅତିଥି ରୂପେ ଯୋଗଦେଇ ସଡକ ସୁରକ୍ଷା ନେଇ ଟିପ୍ପଣୀ ରଖିଥିଲେ। କାର୍ଯ୍ୟକାରୀ ସଭାପତି ନବକିଶୋର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ।

### ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଲେ ୧୩୮ ଛାତ୍ରୀଛାତ୍ର

**ବେଗୁନିଆ,୧୪।୭ (ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ୧୩୮ ଜଣ ଛାତ୍ରୀଛାତ୍ର ରବିବାର ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ବେଗୁନିଆ ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୭୩ ଜଣ ପିଲାଙ୍କ ମଧ୍ୟରୁ ୭୧ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଗଡ଼ମାଣତିର ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୬୭ ଜଣ ପିଲା ପରୀକ୍ଷା ଦେଇଥିଲେ। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ବିଇଓ ଲକ୍ଷ୍ମଣ ପରିଡ଼ା ଉଭୟ ପରୀକ୍ଷା କେନ୍ଦ୍ରକୁ ଗାଇଡ କରିଥିଲେ।

### ସୁନାଚେନ ଲୁଟ୍ ଅଭିଯୋଗରେ ୨ମହିଳା ଗିରଫ

**ପୁରୀଅଫିସ, ୧୪।୭ :** ସୁନାବେଶ ଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭିଡ଼ ଭିତରେ ବହୁ ଲୁଟେରା ଗ୍ୟାଙ୍ଗ ମାତିଥିଲେ। ରବିବାର ଜଣେ ଶିଶୁର ବେକରୁ ସୁନାଚେନ ଲୁଟ୍ ଅଭିଯୋଗରେ ଜିଆରପି ପୋଲିସ ଦୁଇଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପେଣ୍ଟକଟାର ଶାନ୍ତି ଦାସ ଓ ଲକ୍ଷ୍ମୀ ଦାସ। ମିଳିଥିବା ସୂଚନା ପ୍ରକାରେ ବାଣପୁରର ଅର୍ଚ୍ଚନା ବେହେରା ତାଙ୍କ ଦୁଇବର୍ଷର ଝିଅକୁ ଧରି ରବିବାର ସକାଳ ସମୟରେ ପୁରୀ-ଗୁଣୁପୁର ଟ୍ରେନରେ ଯିବାକୁ ଷ୍ଟେଶନକୁ ଯାଉଥିଲେ। ପ୍ଲାଟଫର୍ମରେ ଗିରଫ ଦ୍ୱୟ ତାଙ୍କ ଝିଅର ବେକରୁ ସୁନାଚେନ୍ ଲୁଟି ନେଇଥିବା ନେଇ ଜିଆରପି ଫାଣ୍ଡିରେ ଅଭିଯୋଗ କରିଥିଲେ।

### ପୂର୍ବଶତ୍ରୁତାରୁ ଆକ୍ରମଣ ଘଟଣା: ୨ଗିରଫ

**ପୁରୀଅଫିସ, ୧୪।୭ :** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣାରେ କୁମ୍ଭାରପଡା ପୋଲିସ ରବିବାର ଦୁଇଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣ ମଙ୍ଗଳାସାହିର ନକୁଳ ନାୟକ ଓ ପପୁ ନାୟକ। ଶୁକ୍ରବାର ସକାଳ ୭ଟାରେ ଅଭିଯୋଗକାରୀ ବାସନ୍ତୀଙ୍କୁ ପୁଅ ନରେନ୍ଦ୍ର ପୋଖରକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତଦ୍ୱୟ ତାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

■ ରୋକି ପାରିଲାନି ଏସ୍‌ଟିଏଫ୍‌ର ଚଢ଼ାଉ

# ଛୋଟା ଗିରଫ ପରେ ବି କମୁନି ପାଉ ବ୍ୟବସାୟ

■ନିଶା ସାମ୍ରାଜ୍ୟକୁ ଧ୍ୱଂସ ନ ହେବା ପାଇଁ ଚାଲିଛି ବ୍ଲୁପ୍ରିଣ୍ଟ

■ଜେଲରେ ଥାଇ ବି ମିଳୁଛି ଚାନ୍ଦା, ଦାମୀ ଉପହାର

ଖୋର୍ଦ୍ଧା ଅଫିସ,୧୪।୭:

ନିଶା ସୌଦାଗର ସୁଧାଂଶୁ ପରିଡା ଓରଫ ଛୋଟା, ଶୁଭ୍ରାଂଶୁ କୋର୍ଟରେ ଆତ୍ମସମର୍ପଣ କରି ଖୋର୍ଦ୍ଧା ସବ୍‌ଜେଲରେ ଅଛନ୍ତି। ତେବେ ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳରୁ ବ୍ରାଉନସୁଗାର (ପାଉ) ବ୍ୟବସାୟ କମିବାର ନାଁ ଧରୁନି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧାରେ ଡେରା ପକାଇଥିଲେ ମଧ୍ୟ ପାଉ ବ୍ୟବସାୟକୁ ବନ୍ଦ କରିବାରେ ସଫଳ ହେଉନି। ବରଂ ବେଆଇନ ଖଣି ବ୍ୟବସାୟରେ ଲଗାମ ଲଗାଇବା କ୍ଷେତ୍ରରେ ଏସ୍‌ଟିଏଫ୍ ଲୋକଙ୍କର ସମର୍ଥନ ସାଉଁଟିଛି। ଏଭଳିସ୍ଥିତିରେ ଛୋଟାଙ୍କ ନିଶା ସାମ୍ରାଜ୍ୟ ଯେପରି ଧ୍ୱଂସ ନ ହୁଏ ସେଥିପାଇଁ ଆରମ୍ଭ ହୋଇଯାଇଛି ବ୍ଲୁପ୍ରିଣ୍ଟ। କାରଣ ଛୋଟାଙ୍କ ବ୍ୟବସାୟ ବନ୍ଦ ହୋଇଗଲେ ଅନେକଙ୍କର ରୋଜଗାର ଓ ହାତଖର୍ଚ୍ଚ ବନ୍ଦ ହୋଇଯିବ। ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିବ।

ଜେଲରେ ଥାଇ ଛୋଟା ଚାନ୍ଦା, ଉପହାର, ପନିପରିବା ଭେଟି ପୂର୍ବବତ ଅନୁଗତଙ୍କ ଦ୍ୱାରା ଚାଲୁ ରଖିଛନ୍ତି। କେତେଜଣ ଯଦିଓ ଭୟଭୀତ ହୋଇ ଉପହାର ଓ ଚାନ୍ଦା ନେଉନାହାନ୍ତି, ତେବେ ଅନେକ ଲୋଭ ଛାଡି ପାରୁନାହାନ୍ତି। ପ୍ରତିବଦଳରେ ଭିତିରିଆ ସହଯୋଗ ମଧ୍ୟ ମିଳୁଛି। କାରଣ ଚାନ୍ଦା ଓ ଉପହାର ସେମାନଙ୍କ ମୁହଁରେ ତାଲା ଝୁଲାଇ ଦେଇଛି। ବିଭିନ୍ନ ସମୟରେ ଉପକୃତ ହୋଇଥିବା କେତେଜଣ ଅବକାରୀ ବିଭାଗ କର୍ମଚାରୀ, ପୋଲିସ, ବିଭିନ୍ନ ଦଳର ରାଜନେତା, କର୍ମୀ, ଖବରଦାତା, ଜିଲା ପ୍ରଶାସନର କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଛୋଟାଙ୍କୁ ସୁରକ୍ଷା ଦେବାକୁ ଭିତିରିଆ ଭାବେ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ପ୍ରମାଣକୁ ନଷ୍ଟ କରି ଛୋଟାଙ୍କୁ ଖସାଇବାକୁ ଲବି ବି ଆରମ୍ଭ ହୋଇଗଲାଣି। ଅନ୍ୟପକ୍ଷେ ଛୋଟା ଜେଲରେ ରହି ଅନୁତାପ କରିବା ବଦଳରେ ନିଶାର ସାମ୍ରାଜ୍ୟ ବୃଦ୍ଧି ପାଇଁ ପରିକଳ୍ପନା କରୁଥିବା ଖବର ଅନୁଗତଙ୍କଠାରୁ ମିଳିଛି। ଭୁବନେଶ୍ୱର ହଳଦିପଡା ବସ୍ତିଠାରୁ ବୋଲଗଡ, ବେଗୁନିଆ, ଜଟଣୀ, ଜଙ୍କିଆ ଆଦି ଖୋର୍ଦ୍ଧା ଓ ନୟାଗଡ ଜିଲାରେ ତା'ର ବ୍ୟବସାୟ କିପରି ବୃଦ୍ଧି ହେବ ସେନେଇ ତତ୍ପରତା ଦେଖାଇଛି। ଦୁର୍ଦ୍ଦିନ ସମୟରେ ସହଯୋଗୀମାନେ କଥା ମାନି ଅଣ୍ଡରଗ୍ରାଉଣ୍ଡ ହୋଇ ନୂଆ ଲୋକଙ୍କ ଦ୍ୱାରା ନିଶା ବ୍ୟବସାୟକୁ ସୁରୁଖୁରୁରେ ଚଳାଇଛନ୍ତି। ଏଥିଯୋଗୁ ଛୋଟାଙ୍କ ମନୋବଳ ବଢ଼ିବାରେ ଲାଗିଛି ବୋଲି ଜଣେ ସହଯୋଗୀ ନାଁ ଗୋପନ ରଖି କହିଛନ୍ତି।

**୩୦୦ ଗୁଣ୍ଠରୁ ଉର୍ଦ୍ଧ୍ୱ ସରକାରୀ ଜମିର ମାଲିକ**

ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରର ଖାତା ନଂ. ୬୭୪, ପ୍ଲଟ ୮୯୮ରେ ୪୦୦ ଡେସିମିଲ ଜମିକୁ ଛୋଟା ଜବରଦଖଲ କରି ରଖିଥିବା ପ୍ରମାଣ ମିଳିବା ପରେ ଖୋର୍ଦ୍ଧା ତହସିଲ ପକ୍ଷରୁ ଉଚ୍ଛେଦ ହେବାକୁ ଯୋଜନା ହୋଇଛି। ସୋମବାର ବେଆଇନ ଘର ଭଙ୍ଗାଯିବାକୁ ଥିବାବେଳେ ଛୋଟା ଯେ ଗୁରୁଜଙ୍ଗ ଅଞ୍ଚଳରେ ୩୦୦ ଗୁଣ୍ଠରୁ ଅଧିକ ଜମି ଜବରଦଖଲରେ ରଖିଛନ୍ତି ସେ ଖବର ତହସିଲ କର୍ତ୍ତୃପକ୍ଷ ଜାଣିନାହାନ୍ତି। ଛୋଟାଙ୍କ ଜବରଦଖଲରେ ଥିବା କିଛି ଜମି ସେ କିଣିଥିବା ଜଣାପଡିଛି। ସେହିପରି ନିଜର ଅନୁଗତଙ୍କ ଦ୍ୱାରା ଆଉ ଦେଢଶହ ଏକର ଜମି ସେ ମାଡି ବସିଛନ୍ତି। କେବଳ ୪୦୦ ଡେସିମିଲ ଜମିରୁ ଉଚ୍ଛେଦ ହଟିଗଲେ ଛୋଟାଙ୍କ ଉପରେ କିଛି ପ୍ରଭାବ ପଡିବନି ବୋଲି ଆଲୋଚନା ହେଉଛି।

**ପିସିଆରରେ ଆସି ନେଉଥିଲେ ଚାନ୍ଦା**

ଏସଟିଏଫ୍ ଚଢ଼ାଉ ପୂର୍ବରୁ ପାଉ ବ୍ୟବସାୟକୁ ଅବାଧରେ ଚାଲୁ ରଖିବାକୁ ଥାନାର କେତେଜଣ ଏଏସ୍‌ଆଇ ପିସିଆର ଭ୍ୟାନରେ ଆସି ପ୍ରତ୍ୟହ ଚାନ୍ଦା ନେଉଥିଲେ। ତେବେ ମଝିରେ ମଝିରେ ଯେଉଁ ଧରପଗଡ ହେଉଥିଲା ଚାନ୍ଦା ଦେଉ ନ ଥିବା ଖୁଚୁରା ବ୍ୟବସାୟୀ ଧରା ପଡୁଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କୁ ଆସିବାକୁ ପଡୁ ନ ଥିଲା। ସେମାନଙ୍କ ପାଖରେ ପ୍ରାପ୍ୟ ପହଞ୍ଚି ଯାଉଥିଲା। ଯଦିଓ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଉଛି। ତେବେ ସାଧାରଣରେ ପୋଲିସ ଓ ଅବକାରୀ ବିଭାଗ ପ୍ରତି ଲୋକଙ୍କର ଆସ୍ଥା ତୁଟିବାରେ ଲାଗିଛି। ଅନ୍ୟପକ୍ଷେ କିଛି ଏଏସ୍‌ଆଇ ପାଉ ଉପହାରରେ ଖୋର୍ଦ୍ଧାରେ ଜାଗା କିଣିଥିବା ଚର୍ଚ୍ଚା ହେଉଛି।



ସରକାରୀ ବିହନ ଗଜା ହେଉ ନ ଥିବା ବେଳେ ଜଟଣୀ ବ୍ଲକ ପଳାଶପୁରର ଜଣେ ଚାଷୀ ଦେଶୀ ଧାନ ଗଜା ଭଲ ହୋଇଥିବା ଦେଖାଉଛନ୍ତି।

■ କୃଷ୍ଣପ୍ରିୟାଙ୍କୁ ହତ୍ୟା ଘଟଣା

# ଶାଶୁ, ଶ୍ୱଶୁର ଗିରଫ

**ସ୍ୱାମୀ, ୩ ଦିଅର ଫେରାର୍: ଅସହାୟ ଶିଶୁ ପୁତ୍ର**

ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୧୪।୭(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ସିଙ୍ଗରମା ଗ୍ରାମର ଜଣେ ବୋହୂଙ୍କୁ ହତ୍ୟା ଅଭିଯୋଗରେ ରବିବାର ଶାଶୁ, ଶ୍ୱଶୁରଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାମୀ ଓ ୩ ଦିଅର ଫେରାର୍ ହୋଇଯାଇଥିବା ସୂଚନା ମିଳିଛି ମୃତକ ହେଲେ କୃଷ୍ଣପ୍ରିୟା ରାଉତରାୟ। କୃଷ୍ଣପ୍ରିୟାଙ୍କ ମା' କାର୍ତ୍ତନୀଙ୍କ ଥାନାରେ ଦେଇଥିବା ଲିଖିତ ଅଭିଯୋଗରୁ ଜଣାପଡ଼େ ଯେ, ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ନନପଡା ଗ୍ରାମର କୃଷ୍ଣପ୍ରିୟା ଭୁଷଣ୍ଡପୁରସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ୨୦୧୫ ମସିହାରେ ଟାଙ୍ଗୀ ଥାନା ଅନ୍ତର୍ଗତ ସିଙ୍ଗରମା ଗ୍ରାମର ମିଥୁନ ଭୋଳଙ୍କୁ ବିବାହ କରିଥିଲେ। ବାହାଘର ସମୟରେ ସୁନା, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ସହ ନଗଦ ଏକ ଲକ୍ଷଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଅଧିକ ଯୌତୁକ ଦାବି କରି କୃଷ୍ଣପ୍ରିୟାଙ୍କ ଶାଶୁଘର ପରିବାର ପକ୍ଷରୁ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ମୃତ୍ୟୁ ପୂର୍ବରୁ ସେ ବାପ ଘରକୁ ଜଣାଇଥିଲେ। ତେବେ ଜୁନ୍ ୧୬ରେ ଝିଅଙ୍କୁ ହତ୍ୟା କରି ୧୭ରେ ଖବର ଦିଆଯାଇଥିବା କୃଷ୍ଣପ୍ରିୟାର ବାପ ଘର ପରିବାର ପକ୍ଷରୁ ଥାନରେ ଅଭିଯୋଗ ହୋଇଥିଲା। କେସ୍ ନଂ୧୫୮/୧୯ ଅନୁସାରେ ପୋଲିସ ତଦନ୍ତ ଜାରି ରଖିଛି। ବର୍ତ୍ତମାନ କୃଷ୍ଣପ୍ରିୟାଙ୍କ ଦୁଇ ବର୍ଷର ଶିଶୁ ପୁତ୍ର ମାମୁଁ ଘରେ ରହିଛି। ଏନେଇ ମୃତକଙ୍କ ବଡ ଭଉଣୀ କହିଥିଲେ କି, ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ହୋଇଛି କି ନାହିଁ ବୋଲି ସେ ଟାଙ୍ଗୀ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଏନେଇ ଟାଙ୍ଗୀ ଥାନା ଅଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ମନେରଖି ନ ଥିବା କହିଥିଲେ। ବାଲୁଗାଁ ପୋଲିସ ଅଧିକାରୀ ସୁନୀଲ ମହାନ୍ତିଙ୍କୁ ପଚାରିବାରୁ ଏ କେସ୍‌ରେ ଶାଶୁ ,ଶ୍ୱଶୁର ଗିରଫ ହୋଇଥିବା ପ୍ରକାଶ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଯାଇଛି ଓ ତଦନ୍ତ ଅଧିକାରୀ ଆସିଲେ ଅଧିକ ତଥ୍ୟ ମିଳିପାରିବ ବୋଲି ମହାନ୍ତି କହିଥିଲେ।

# ଏଟିଏମ୍‌ରେ ତାଲା ଯୋଗୁ ଗ୍ରାହକ ହନ୍ତସନ୍ତ

■ ତୁରନ୍ତ କାର୍ଯ୍ୟକ୍ଷମ ସହ ୨ ନୂତନ କେନ୍ଦ୍ର ସ୍ଥାପନ ପାଇଁ ଦାବି

କୃଷ୍ଣପ୍ରସାଦ,୧୪।୭(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ଷ୍ଟେଟବ୍ୟାଙ୍କ ଏଟିଏମ୍ କେନ୍ଦ୍ରଟିକୁ ଗତ ଜୁନ୍ ୧୩ ତାରିଖରେ କେହି ଦୁର୍ବୃତ୍ତ ଟଙ୍କା ଲୁଟ୍ ନିମନ୍ତେ ଭାଙ୍ଗି ଦେଇଥିଲେ। ଏହା ପରଠାରୁ ଏଟିଏମ୍‌ଟିରେ ତାଲା ପଡ଼ି ରହିଥିବା ଯୋଗୁ ଗ୍ରାହକମାନେ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ଘଟଣା ନେଇ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଇତି ମଧ୍ୟରେ ୧ ମାସ ବିତିଗଲାଣି। ମରାମତି ନ ହେବାରୁ ଗ୍ରାହକ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଅଞ୍ଚଳରେ ଏଟିଏମ୍‌ଟି ଟଙ୍କା ଉଠାଣ ନିମନ୍ତେ ବେଶ୍ ସହାୟକ ହେଉଥିବାରୁ ଏହା ପ୍ରକୃତରେ କେବେ ଖୋଲିବ ସେ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଥାନାରେ ଅଭିଯୋଗ ପରେ ତଦନ୍ତ ନ ହେବା ଓ ଏ ପର୍ଯ୍ୟନ୍ତ ସିସି କ୍ୟାମେରା ଫୁଟେଜ୍ ଅନୁଧ୍ୟାନ କରାଯାଇ ନ ଥିବା ଶାଖା ପରିଚାଳକ ଶ୍ରୀକାନ୍ତ ସାହୁ ପ୍ରକାଶ କରିଛନ୍ତି । ପୋଲିସ ଏଠାରେ ପହଞ୍ଚିବା ପରେ ସିସି ଟିଭି ଫୁଟେଜ ଦେଖାଯିବ ବୋଲି ସାହୁ କହିଛନ୍ତି । ଉଲ୍ଲେଖଯୋଗ୍ୟ, ମାଲୁଦରେ ଏହା ଏକମାତ୍ର ଏଟିଏମ୍ କେନ୍ଦ୍ର ହୋଇଥିବାରୁ ୧୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରି ଚଳନ୍ତି। ବର୍ତ୍ତମାନ ବ୍ୟାଙ୍କରୁ ଟଙ୍କା ଦେଣନେଣ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିବାରୁ ଦୁର୍ଦ୍ଦଶା ଭୋଗ କରିବାକୁ ପଡୁଛି ବୋଲି କେତେଜଣ ସ୍ଥାନୀୟ ଲୋକ କହିଛନ୍ତି। ପୋଲିସ ଖୁବ୍‌ଶୀଘ୍ର ତଦନ୍ତ କରି ଏଟିଏମ୍‌ଟି କାର୍ଯ୍ୟକ୍ଷମ କରିବା ସହ ଚାରିଛକ, ଚିଲିକା, ନୂଆପଡ଼ାଠାରେ ୨ଟି ଏଟିଏମ୍ କେନ୍ଦ୍ର ନୂତନ ଭାବେ ସ୍ଥାପନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।




ତାଲା ପଡ଼ିଥିବା ଏଟିଏମ୍ କେନ୍ଦ୍ର।

## କଲେଜ ଅନ୍ତେବାସୀଙ୍କୁ ମାଡ ଅଭିଯୋଗ

ଖୋର୍ଦ୍ଧା ଅଫିସ/ଜଟଣୀ, ୧୪।୭ (ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଯାଁଳା ଫାଣ୍ଡି ପିତାପଲ୍ଲୀସ୍ଥିତ ଏକ ଯୁକ୍ତ ୨ ମହାବିଦ୍ୟାଳୟର ଆବାସିକ ଛାତ୍ରାବାସର ଜଣେ ଛାତ୍ରଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଫାଣ୍ଡିରେ ଅଭିଯୋଗ ପରେ ଜଟଣୀ ଥାନା ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ଖୋର୍ଦ୍ଧା ସହର ବରୁଣେଇ ଛକର ପ୍ରଭାତୀ ଦାସଙ୍କ ଅଭିଯୋଗ ଅନୁସାରେ, ପୁତ୍ର ଯୋଗେଶ୍ୱର ୨୦୧୮-୧୯ ଶିକ୍ଷାବର୍ଷରେ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ଆବାସିକ ଛାତ୍ରାବାସରେ ରହି ପାଠ ପଢୁଥିଲେ। ତେବେ ଛାତ୍ରାବାସ ଦାୟିତ୍ୱରେ ଥିବା ଅଧ୍ୟାପକ ବିନା କାରଣରେ ୩ଦିନ ହେଲା ଯୋଗେଶ୍ୱରଙ୍କୁ ମାରପିଟ୍ ଓ ମାନସିକ ଦଣ୍ଡ ଦେଉଛନ୍ତି। ଆଣ୍ଠୁ ଓ ଦେହର ବିଭିନ୍ନ ଅଂଶ ଲାଲ ପଡି ଫୁଲି ରହିଛି। ଅନ୍ୟ ଛାତ୍ରଙ୍କୁ ମଧ୍ୟ ମାଡମରା ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗକାରୀ ଅନୁରୋଧ କରିଛନ୍ତି।

## ମନ୍ଦିରରୁ ଚୋରି କରି ଯୁବକଙ୍କୁ କୋର୍ଟ ଚାଲାଣ

ଯାଁଳା,୧୪।୭ (ଡି.ଏନ୍.ଏ.):

ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ଅଧୀନ ଦକ୍ଷିଣମୁଣ୍ଡ ମୁହାଣରେ ଅବସ୍ଥିତ ଶ୍ରୀଶ୍ରୀ ଗ୍ରାମେଶ୍ୱର ଦେବଙ୍କର ଘଣ୍ଟି ଓ ଆସବାବପତ୍ର ଚୋରି କରି ଯୁବକ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନାଯୋଗ୍ୟ ରବିବାର ଭୋର ୪ଟାରେ ଭୁବନେଶ୍ୱର ଚକେଇଶିଆଣୀର ବନମାଳୀ ପାତ୍ର ଏକ ସ୍କୁଟି ଦ୍ୱାରା ଗ୍ରାମେଶ୍ୱର ମନ୍ଦିରକୁ ଆସିଥିଲେ। ସେଠାରୁ ଠାକୁରଙ୍କର ୩ଟି ଘଣ୍ଟି ଓ କିଛି ଆସବାବପତ୍ର ଚୋରି କରୁଥିବାବେଳେ ଗାଁର ଜଣେ ଯୁବକ ଠାକୁରଙ୍କ ପାଖକୁ ମୁଣ୍ଡିଆ ମାରିବାକୁ ଗଲାବେଳେ ତାଙ୍କୁ ଦେଖି ପାଟି କରିଥିଲେ। ଫଳରେ ଲୋକମାନେ ଆସି ଯୁବକଙ୍କୁ କାବୁ କରି କାନ ଧରି ଆଣ୍ଠେଇ ବସାଇବା ସହ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍କୁଟି ସହ ଯୁବକଙ୍କୁ ନେଇଥିଲା। ତାଙ୍କୁ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଥିଲେ।

## ବଜ୍ରପାତରେ ୩ ବଖରା ପୋଡିଗଲା

ଟାଙ୍ଗୀ(ଖୋର୍ଦ୍ଧା), ୧୪।୭(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତର ନରମାନବୀ ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ତପନ କୁମାର ଜେନାଙ୍କ ୩ ବଖରା ଘର ଜଳିଯାଇଛି। ଫଳରେ ତାଙ୍କର ସମସ୍ତ ଆସବାବ ପତ୍ର, ଧାନଚାଉଳ ଆଦି ପୋଡିଯାଇଛି। ସେ ଜଣେ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ସାପ, କୁକୁର କାମୁଡ଼ା ଇଞ୍ଜେକଶନ ମିଳୁନି

ବେଗୁନିଆ,୧୪।୭ (ଡି.ଏନ୍.ଏ.):

ସରକାରୀ ନିୟମ ଅନୁସାରେ ସାପ ଓ କୁକୁର କାମୁଡ଼ା ଇଞ୍ଜେକଶନ୍ ମାଗଣା ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ସର୍ପାଘାତ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ୨୫ କିମି ଦୂର ଖୋର୍ଦ୍ଧା ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଫଳରେ ଅନେକ ସମୟରେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହା ବ୍ୟତୀତ ଅଞ୍ଚଳରେ ଥିବା ଘରୋଇ ମେଡିସିନ ଷ୍ଟୋରରେ ମଧ୍ୟ ସାପ ଓ କୁକୁର କାମୁଡ଼ା ଇଞ୍ଜେକଶନ ଉପଲବ୍ଧ ହେଉନାହିଁ। ଯାହାକୁ ନେଇ ରୋଗୀ ଅସନ୍ତୋଷ ଦେଖାଦେଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନ୍ୟୁ)କୁ ଚଳିତ ବର୍ଷାଋତୁ ସମୟରେ ଆବଶ୍ୟକ ପରିମାଣର ସାପ ଓ କୁକୁର କାମୁଡା ଇଞ୍ଜେକଶନ ଯୋଗାଇ ଦିଆଗଲେ ସମ୍ଭାବ୍ୟ ଅଘଟଣକୁ ଏଡ଼ାଇ ଦିଆଯାଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଅଧିକାରୀ ନାମ ଗୋପନ ରଖି କହିଥିଲେ ସାପ ଓ କୁକୁର କାମୁଡ଼ା ଇଞ୍ଜେକଶନ ଶୀତଳଭଣ୍ଡାରରେ ରଖାଯାଇଥାଏ। ଆମର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୀତଳଭଣ୍ଡାର ଦିଆଯାଇନାହିଁ। ଅନ୍ୟପକ୍ଷରେ ବହୁଦିନ ବ୍ୟବଧାନରେ କାଁ ଭାଁ ସର୍ପାଘାତ ରୋଗୀ ଆମ ପାଖକୁ ଚିକିତ୍ସା ପାଇଁ ଆସନ୍ତି। ଫଳରେ ଏହି ଇଞ୍ଜେକଶନ ବହୁଦିନ ଗଚ୍ଛିତ ରଖିଲେ ନଷ୍ଟ ହୋଇଯିବ। ସେଥିଯୋଗୁ ଆବଶ୍ୟକତା ଅନୁସାରେ ଇଞ୍ଜେକଶନ ମିଳୁନାହିଁ।

# ଗାଁ ଦାଣ୍ଡରେ ଜମି ରହିଛି ବର୍ଜ୍ୟଜଳ

■ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଅସନ୍ତୋଷ, ଡ୍ରେନେଜ୍ ଦାବି

ବୋଲଗଡ଼,୧୪।୭(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମଦାଣ୍ଡରେ ବର୍ଜ୍ୟଜଳ ନିଷ୍କାସିତ ନ ହୋଇ ଗାଁ ଦାଣ୍ଡରେ ଜମି ରହି ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଗ୍ରାମର ୨ଟି ସ୍ଥାନରେ ବର୍ଷସାରା ଏଭଳି ଅବସ୍ଥା ଲାଗି ରହୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଗ୍ରାମର ମଣ୍ଡପ ଛକଠାରୁ ମାଳିସାହିର ଉତ୍ତରଦିଗ ଆଡ଼କୁ ପ୍ରାୟ ଶହେ ମିଟରରୁ ଊର୍ଦ୍ଧ୍ୱ ସ୍ଥାନରେ ବର୍ଜ୍ୟଜଳ ଜମି ରହୁଛି। ସେହିପରି ସୁନ୍ଦରା ସାହିଠାରୁ ଗଉଡ ସାହି ମଧ୍ୟରେ ଗାଁ ଦାଣ୍ଡରେ ପାଣି ଜମି ରହୁଛି । ଏହି ୨ ଅଞ୍ଚଳ ଖାଲୁଆ ଥିବାରୁ ଦୂଷିତ ପାଣି ନିଷ୍କାସିତ ହୋଇପାରୁନାହିଁ। କେଉଁଠାରେ ଆଣ୍ଠୁଏ ତ କେଉଁଠି ପ୍ରାୟ ୬ ଇଞ୍ଚ ଉଚ୍ଚତା ପର୍ଯ୍ୟନ୍ତ ଜଳ ଜମି ରହୁଛି। ବର୍ଷାଦିନେ ଏହାର ପରିମାଣ ବୃଦ୍ଧିପାଉଛି। ଗ୍ରାମ ଦେଇ ଯାଇଥିବା ଆର୍‌ଡି ରାସ୍ତା ଉଚ୍ଚ ହୋଇଥିବାରୁ ଜଳ ନିଷ୍କାସିତ ହୋଇପାରୁନି। ତେଣୁ ଏହି ପ୍ରଦୂଷିତ ଜଳରେ ସର୍ବଦା ମଶା, ମାଛିଙ୍କର ବଂଶବୃଦ୍ଧି ସହ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଛନ୍ତି। ବାରମ୍ବାର ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ସ୍ଥାନୀୟ ଲୋକେ ଦାବି କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମସ୍ୟା ସମ୍ପର୍କରେ ବୋଲଗଡ଼ ବିଡିଓ କହିଥିଲେ, ଅସରଳା ଗ୍ରାମରେ ବର୍ଜ୍ୟଜଳ ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।



ଜମି ରହିଥିବା ପାଣି ଭିତରୁ ଲୋକେ ମାଛ ଧରୁଛନ୍ତି।

